

নିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୩ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 03 October 2026
Vol.No. 36 ■ No.259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ଦିଲ୍ଲୀରୁ ମୁମ୍ବାଇ: ଗାନ୍ଧି ଜୟନ୍ତୀରେ ଗର୍ଜିଲେ ଜେନ୍ ଜି: ସବୁଠି ଶୁଭିଲା ଜ୍ଞାନେଶ ବିରୋଧୀ ସ୍ୱର



ନୂଆଦିଲ୍ଲୀ,୦୨/୧୦ : ଦିଲ୍ଲୀରୁ ମୁମ୍ବାଇ ସବୁଠି ଶୁଭିଲା ଯୁବଗୋଷ୍ଠୀଙ୍କ ଗର୍ଜନ। ପବିତ୍ର ଗାନ୍ଧି ଜୟନ୍ତୀରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜିଛନ୍ତି ଜେନ ଜି। ଦିଲ୍ଲୀରେ ବିଭିନ୍ନ ଛାତ୍ର ସଂଗଠନ ସହ ଆମ ଆଦମୀ ପାର୍ଟି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିବା ବେଳେ ମୁମ୍ବାଇରେ ଶକ୍ତି ପ୍ରଦର୍ଶନ କରିଛି କକ୍ରୋଚ ଜନତା ପାର୍ଟି ବା ସିଜେପି। ସମସ୍ତେ ମିଳିତ ଭାବେ ଦେଶରେ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି। ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ କରୁଥିବା ଏସ୍ଆଇଆର ବିରୋଧରେ ନିଜର ସ୍ୱରକୁ ଶାଣିତ କରିଛନ୍ତି। ଛାତ୍ର ସଂଗଠନ ଓ ସିଜେପିର ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୀତିକ ଦଳ ଓ ବଡ଼ବଡ଼ ସେଲିବ୍ରେଟି ମଧ୍ୟ ସମର୍ଥନ ଘୋଷଣା କରିଛନ୍ତି। ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆଜି ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ ଡାକରେ ଦେଇଥିଲେ ବିଭିନ୍ନ ଛାତ୍ର ସଂଗଠନ। ଆପ, ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ଆସୋସିଏସନ (ଏଆଇଏସ୍ଏ), ଏନଏସ୍ୟୁଆ ଓ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ପାଇଁ ପ୍ରସ୍ତୁତି ହୋଇଥିଲେ ହେଁ ପୁଲିସ୍ ଏଥିପାଇଁ ଦେଇ ନଥିଲା ଅନୁମତି। ପୁଲିସ୍‌ର କଡ଼ା ସୁରକ୍ଷା ବଳୟ ସତ୍ତ୍ୱେ ରାଜରାସ୍ତାକୁ ଓହ୍ଲାଇଥିଲେ ବିକ୍ଷୋଭକାରୀ। ଏହାକୁ ନେଇ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଛି ଜବରଦସ୍ତ ଖଣ୍ଡଯୁଦ୍ଧ। ପୁଲିସ୍ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଯନ୍ତରମନ୍ତର ସମେତ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା। ଶୁକ୍ରବାର ଦିଲ୍ଲୀ ମେଟ୍ରୋରର ୧୧ଟି ଷ୍ଟେସନକୁ ବନ୍ଦ ରଖାଯାଇଥିଲା। ସମସ୍ତେ ଦିନ ୧୧ଟା ସୁଦ୍ଧା ଯନ୍ତରମନ୍ତରରେ ଏକାଠି ହେବାକୁ ଯୋଜନା କରିଥିଲେ। ହେଲେ ୩ରୁ ୪ ହଜାର ପୁଲିସ୍ ପୂରା ଯନ୍ତରମନ୍ତରକୁ ସିଲ କରି ଦେଇଥିଲା। ବିଭିନ୍ନ ସ୍ଥାନରେ ବ୍ୟାରିକେଡ ମଧ୍ୟ ଲଗା ଯାଇଥିଲା। ତଥାପି ବିକ୍ଷୋଭକାରୀ ଯନ୍ତରମନ୍ତର ଅଭିମୁଖେ ବଢ଼ିବାରୁ ପୁଲିସ୍ ସେମାନଙ୍କୁ ଅଧା ରାସ୍ତାରୁ ଉଠାଇ ନେଇଥିଲା। ଆପ୍ ନେତ୍ରୀ ଆତିଶୀ, ଆପ୍‌ର ଦିଲ୍ଲୀ ସୌରଭ ଭରଦ୍ୱାଜ, ବାମଦଳର ଅନେକ ନେତା,

◆◆ପୃଷ୍ଠା ୭

## ରାଜଧାନୀରେ ବନ୍ଧୁକ ଦେଖାଇ ଯୁବତୀଙ୍କୁ ଦୁଷ୍କର୍ମ ମାମଲା: ପୁଲିସର ନିଷ୍କ୍ରିୟତାକୁ ନେଇ ଡିସିପିଙ୍କୁ ରିପୋର୍ଟ ତଲବ

ଭୁବନେଶ୍ୱର, ୦୨/୧୦ (ନି.ପ୍ର): ରାଜଧାନୀରେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଏଯାଏଁ ପୁଲିସ ହାତ ଖାଲିଓ ଅଭିଯୁକ୍ତକୁ ଖୋଜି ଖୋଜି ନାକେଦମ ପୁଲିସ ଓ କମିସନରେଟ ପୁଲିସ ତିଆରି କରିଛି ଏକ ସ୍ୱତନ୍ତ୍ର ଟିମ୍? ଓ ସେପଟେ ଡିସିପିଙ୍କୁ ରିପୋର୍ଟ ତଲବ କରିବା ସହ ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମହିଳା କମିସନ। ସେପଟେ ପୀଡ଼ିତାଙ୍କୁ ଭେଟି ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି କମିସନ ସଦସ୍ୟା ଗଳିରୁ ଗଳି, ଦୋକାନରୁ ଦୋକାନ ଓ ଏନ୍ଏଚ୍ କଡ଼ରୁ ଆରମ୍ଭ କରି, ସପିଂ ମଲ୍ ପର୍ଯ୍ୟନ୍ତ ଲାଗିଥିବା ସିସିଟିଭି ଫୁଟେଜର ହେଉଛି ଖୋଳତାଡ଼ ଓ ହେଲେ ଏବେ ବି ଫେରାର ଦୁଷ୍କର୍ମକାରୀ ଓ ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହିରେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ ଓ ନିଜ ବୟାନରେ ପୀଡିତା ପୁଲିସକୁ କହିଛନ୍ତି, ଜଣେ ଅଜଣା ବ୍ୟକ୍ତି ହଠାତ ଘର ଭିତରକୁ ଧସେଇ ପଶିଥିଲା ଓ ଜୋରରେ ଚିତ୍କାର କରିବାରୁ, ମୁଣ୍ଡରେ ବନ୍ଧୁକ ଲଗାଇ ପାଟି ବନ୍ଦ କରିବାକୁ କହିଥିଲା। ପରେ ତାଙ୍କୁ ଦୁଷ୍କର୍ମ କରିଥିଲା। ଘର ଲାଇଟ୍ ବନ୍ଦ କରିବା ସହ ଅଭିଯୁକ୍ତ ନିଜ ମୁଁହରେ ଗାମୁଛା ବାନ୍ଧିଥିଲା। ଫଳରେ ତାର ଚେହେରାକୁ ଭଲ ଭାବେ ଦେଖି ପାରି ନାଁହାନ୍ତି ପୀଡ଼ିତା ଓ କିନ୍ତୁ ଆଖ ପାଖରେ ଥିବା କ୍ୟାମେରା ଓ ସ୍ମାର୍ଟସିଟି କ୍ୟାମରାରୁ ପୁଲିସକୁ ମିଳିଛି ବଡ଼ ତଥ୍ୟ।

◆◆ପୃଷ୍ଠା ୭

## ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଚୋରା ବାଲିବୋଝେଇ ହାଇୱା ଜବତ: ତାଳସାରୀ ମେରାଇନ୍ ପୁଲିସର ଧରପଗଡ଼

ନୂଆଦିଲ୍ଲୀ,୦୨/୧୦ : ଖବର ପ୍ରସାରଣ ପରେ ପୁଲିସର ଭାଙ୍ଗୁଛି ନିଦ । ଚୋରା ବାଲି ଧରପଗଡ଼ ପରେ ପୁଣି ଗତକାଲି ରାତରେ ତାଳସାରୀ ମେରାଇନ ପୁଲିସ ଦ୍ୱାରା ଓଡିଶା-ପଶ୍ଚିମବଙ୍ଗ ସୀମାରୁ ଜବତ ହୋଇଛି ଗୋଟିଏ ଚୋରା ବାଲି ବୋଝେଇ ହାଇୱା। ଓଡିଶାରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଭୋଗରାଇ ସୀମାରୁ ଗାଡି ଜବତ କରିଛି ପୁଲିସ। ସୂଚନା ଅନୁଯାଇ ଗତକାଲି ଖଣି ବିଭାଗ ଚୋରା ବାଲି ଗାଡି ଓ ବାଲି ଷ୍ଟକ ଉପରେ ଛାନବିନ କରିବା ପରେ ରାତିରେ ପୁଲିସ ଗୋଟିଏ ବାଲି ବୋଝଇ ହାଇୱା ଓଡିଶା ସୀମା ପାର ହୋଇ ପଶ୍ଚିମବଙ୍ଗ ଯାଉଥିବା ବେଳେ ଭୋଗରାଇ ସୀମାରୁ ଜବତ କରିଛି। ଏହାର ଉପଯୁକ୍ତ କାଗଜ ପତ୍ର ନ ଥିବାରୁ ଗାଡିକୁ ଥାନା ପରିସରକୁ ନିଆଯାଇଛି। ତେବେ ଦୀର୍ଘ ଦିନ ଧରି

◆◆ପୃଷ୍ଠା ୭

## ପୂଜା ପୂର୍ବରୁ ଦିଆଯିବ ବନ୍ୟା କ୍ଷତିପୂରଣ

ଭୁବନେଶ୍ୱର, ୦୨/୧୦ (ନି.ପ୍ର): ପୂଜା ପୂର୍ବରୁ ୧୦ ତାରିଖ ସୁଦ୍ଧା ବନ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ସମୟ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ୨୬୧ କୋଟି ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ଦିଆଯାଇଛି। ଦକ୍ଷିଣ ଓଡ଼ିଶାକୁ ୨୦ କୋଟି ଟଙ୍କା ଦିଆଯାଇଛି। ଯେତେଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଆସିବ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ୍ୟା ସମୟରେ ଅବହେଳା ପାଇଁ ଚାନ୍ଦବାଲି ବିଡିଓ ନିଲମ୍ବିତ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟାୟ ବେଳେ ସରକାରୀ ଅଧିକାରୀଙ୍କ ଅବହେଳା ଅକ୍ଷମଣୀୟ।

## ପୁଣି ବଢ଼ିବ ଓମ୍ଫେଡ୍ କ୍ଷୀର ଦର: ଅକ୍ଟୋବର ୪ରୁ ଲାଗୁ ହେବ ନୂଆ ମୂଲ୍ୟ




ଭୁବନେଶ୍ୱର, ୦୨/୧୦ (ନି.ପ୍ର): ପୁଣି ବଢ଼ିବ ଓମ୍ଫେଡ୍ କ୍ଷୀର ଦର। ଲିଟର ପିଛା ୨ରୁ ୪ ଟଙ୍କା ପର୍ଯ୍ୟନ୍ତ କ୍ଷୀର ଦର ବୃଦ୍ଧି କରିବାକୁ ଓମ୍ଫେଡ୍ କର୍ତ୍ତୃପକ୍ଷ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଅକ୍ଟୋବର ୪ ତାରିଖରୁ ଲାଗୁ ହେବ ଏହି ବର୍ଦ୍ଧିତ ଦର । ୪ ମାସ ବ୍ୟବଧାନ ପରେ ପୁଣିଥରେ ଲୋକଙ୍କ ପକେଟ୍‌କୁ ମହଙ୍ଗା ମାଡ଼। ସକାଳର ଚା' ହେଉ କିମ୍ବା ରାତିରେ ଶୋଇବା ପୂର୍ବରୁ କ୍ଷୀର, ନିତିଦିନିଆ ଜୀବନରେ କ୍ଷୀରର ଚାହିଦା ରହିଛି। ଏଭଳି ସ୍ଥିତିରେ ଲିଟର ପିଛା ୨ରୁ ୪ ଟଙ୍କା ଦରବୃଦ୍ଧି ଗ୍ରାହକଙ୍କ ଉପରେ ଅତିରିକ୍ତ ବୋଝ ପକାଇବ । ଗତ ମେ' ମାସରେ ଓମ୍ଫେଡ୍ କ୍ଷୀର ଦର ଲିଟର ପିଛା ୪ ଟଙ୍କା ବଢ଼ିଥିଲା। ଏବେ ପୁଣି ଦର ବୃଦ୍ଧି ଘୋଷଣା ହେବା ପରେ ଖାଉଟିଙ୍କ ଚିନ୍ତା ବଢ଼ିଛି । କେବଳ କ୍ଷୀର ନୁହେଁ, ଏହାର ପ୍ରଭାବ ଅନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଉପରେ ମଧ୍ୟ ପଡ଼ିପାରେ । ଛେନା, ପନିର, ଦହି, ଘିଅ ଭଳି ଦୁଗ୍ଧଜାତ ସାମଗ୍ରୀର ମୂଲ୍ୟ ବଢ଼ିବା ନେଇ ଆଶଙ୍କା ରହିଛି । ଏହା ସହ ଚିନି ଦର ମଧ୍ୟ କିଲୋ ପିଛା ୭୦ ଟଙ୍କା ଛୁଇଁଥିବାରୁ ଚା' ଭଳି ନିତିଦିନିଆ ସାମଗ୍ରୀର ଖର୍ଚ୍ଚ ମଧ୍ୟ ବଢ଼ିବା ନେଇ ଚିନ୍ତା ପ୍ରକାଶ ପାଇଛି । ଓମ୍ଫେଡ୍‌ର ୪ ପ୍ରକାର କ୍ଷୀରର ମୂଲ୍ୟ ଭିନ୍ନ ଭିନ୍ନ ରହିଛି । କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ଦରବୃଦ୍ଧିର ପ୍ରଭାବ ବିଶେଷକରି ମଧ୍ୟବିତ୍ତ ପରିବାର ଉପରେ ପଡ଼ିବା ନେଇ ଆଶଙ୍କା ରହିଛି । ସେପଟେ କ୍ଷୀର ଦର ବୃଦ୍ଧି ଯୋଗୁଁ ଚା' ଓ ଅନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ବ୍ୟବସାୟ ମଧ୍ୟ ପ୍ରଭାବିତ ହେବା ନେଇ ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି ।

## ଗାନ୍ଧୀ ଜୟନ୍ତୀରୁ ଗରମ ରାଜନୈତିକ ମୈଦାନ: ଗାଁ ମୁହାଁ ତିନି ପ୍ରମୁଖ ଦଳ



ଭୁବନେଶ୍ୱର, ୦୨/୧୦ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗାଁ ଗାଁରେ ଜମିବ ରାଜନୀତି । ଗାନ୍ଧୀ ଜୟନ୍ତୀରୁ ଗ୍ରାଉଣ୍ଡକୁ ଓହ୍ଲାଇଛନ୍ତି ତିନି ପ୍ରମୁଖ ଦଳ । ନେତା ଯିବେ ଗାଁକୁ, କର୍ମୀ ପହଞ୍ଚିବେ ଘରକୁ । ଆଉ ଲୋକଙ୍କ ପାଖରେ ପହଞ୍ଚିବ ଦଳୀୟ ବାର୍ତ୍ତା । ବିଜେଡି ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଲୋକଙ୍କ ପାଖକୁ ଯାଉଥିବା ବେଳେ କଂଗ୍ରେସ 'ଗଣତନ୍ତ୍ର ବଞ୍ଚାଅ ସପ୍ତାହ' ଏବଂ ବିଜେପି 'ସେବା ସଂକଳ୍ପ' ଅଭିଯାନ ଆରମ୍ଭ କରିଛି। ଗାନ୍ଧୀ ଜୟନ୍ତୀରୁ ମାସେ ବ୍ୟାପୀ 'ଜନସମ୍ପର୍କ ପଦଯାତ୍ରା' ଆରମ୍ଭ କରିଛି ବିଜେଡି । ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ । ଭୁବନେଶ୍ୱର ୫୨ ନମ୍ବର ୱାର୍ଡରୁ ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ରାଜ୍ୟର ୩୪ଟି ସାଙ୍ଗଠନିକ ଜିଲ୍ଲା ସମେତ ବ୍ଲକ୍, ପୌରାଞ୍ଚଳ, ଏନ୍ଏସି ଓ ମହାନଗର ନିଗମ ସ୍ତରରେ କାର୍ଯ୍ୟକ୍ରମ ହେବ। ସରକାରଙ୍କ କାର୍ଯ୍ୟକଳାପ, ଜନସମସ୍ୟା ଓ ନିର୍ବାଚନୀ ପ୍ରତିଶ୍ରୁତିକୁ ପ୍ରସଙ୍ଗ କରି ଲୋକଙ୍କ ପାଖକୁ ଯିବ ଦଳ । ସେପଟେ ବିଜେଡିର ପଦଯାତ୍ରା ମଧ୍ୟରେ କଂଗ୍ରେସ ଆରମ୍ଭ କରିଛି 'ଗଣତନ୍ତ୍ର ବଞ୍ଚାଅ ସପ୍ତାହ' । ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ କରିବ ଦଳ । ପଦଯାତ୍ରା, ମାଲ୍ୟାର୍ପଣ, ସଭା ଓ ଲିଫଲେଟ୍ ବଣ୍ଟନ ମାଧ୍ୟମରେ ଲୋକଙ୍କ ପାଖକୁ ଯିବାକୁ ଯୋଜନା ରହିଛି । ଅକ୍ଟୋବର ୬ରେ ଜିଲ୍ଲାସ୍ତରୀୟ ସମାବେଶ ଏବଂ ଅକ୍ଟୋବର ୮ରେ ଓଡ଼ିଶା ବନ୍ଦ ପାଇଁ ଦଳ ଡାକରା ଦେଇଛି। ସେହିପରି ସଭା ଓ ପଦଯାତ୍ରା ବଦଳରେ 'ସେବା' ମାଧ୍ୟମରେ ତଳସ୍ତରକୁ ଯିବାକୁ ଅଭିଯାନ ଆରମ୍ଭ କରିଛି ବିଜେପି । 'ସେବା ସଂକଳ୍ପ' ଅଭିଯାନରେ ସ୍ୱଚ୍ଛତା ଅଭିଯାନ ସହ ଅଙ୍ଗନବାଡ଼ି, ସ୍କୁଲ ଓ କଲେଜରେ ବିଭିନ୍ନ କାର୍ଯ୍ୟକ୍ରମ କରିବ ଦଳ। ବୃଦ୍ଧ ଓ ଯୁବବର୍ଗଙ୍କୁ ଯୋଡ଼ିବା ଉପରେ ମଧ୍ୟ ଫୋକସ୍ ରହିଛି । ପ୍ରତି ବୁଥ୍‌ରେ 'ବିକଶିତ ସଂକଳ୍ପ ଯାତ୍ରା' ଆୟୋଜନ କରିବା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ ଓ ବିକାଶ ସମ୍ପର୍କିତ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା କରିଛି ଦଳ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ତିନି ଦଳର ଏହି ଗ୍ରାଉଣ୍ଡ କ୍ୟାମ୍ପେନ୍‌କୁ ନେଇ ରାଜନୈତିକ ମୈଦାନ ସରଗରମ ହୋଇଛି । ନେତା ଗାଁକୁ ଯିବେ, କର୍ମୀ ଘରେ ଘରେ ପହଞ୍ଚିବେ । ଭୋଟରଙ୍କ ନିକଟରେ ନିଜ ନିଜ ଦଳର ବାର୍ତ୍ତା ପହଞ୍ଚାଇବା ଉପରେ ତିନି ଦଳର ଫୋକସ୍ ରହିଛି ।

## ପୁଣି ଡରାଇଲାଣି ଅକ୍ଟୋବର: ବଙ୍ଗୋପସାଗରରେ ବାତ୍ୟା ଆଶଙ୍କା



ଭୁବନେଶ୍ୱର, ୦୨/୧୦ (ନି.ପ୍ର): ପୁଣି ଡରାଇଲାଣି ଅକ୍ଟୋବର! ବଙ୍ଗୋପସାଗରରେ ବାତ୍ୟା ଆଶଙ୍କା। ଆନ୍ଧ୍ର-ଓଡ଼ିଶା ଉପକୂଳମୁହାଁ ହେଉଛି ଘୂର୍ଣ୍ଣିବଳୟ। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ପରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଚିନ୍ତା ବଢ଼ିବାରେ ଲାଗିଛି। ଅକ୍ଟୋବର ମାସ ଆରମ୍ଭରୁ ପୁଣିଥରେ ବଙ୍ଗୋପସାଗରରେ ପ୍ରକୃତିର ରୂପ ବଦଳିବାରେ ଲାଗିଛି। ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆରମ୍ଭ ହୋଇସାରିଥିବା ବେଳେ ପାଣିପାଗ ବିଭାଗର ଏହି ଆକଳନ ଚିନ୍ତା ବଢ଼ାଇ ଦେଇଛି। ପୂର୍ବାନୁମାନ ଅନୁଯାୟୀ, ଅକ୍ଟୋବର ୧୨ ତାରିଖରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ନୂତନ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅକ୍ଟୋବର ୧୩ ବେଳକୁ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। କ୍ରମଶଃ ଏହା ଅଧିକ ଘନୀଭୂତ ହୋଇ ଅକ୍ଟୋବର ୧୫ ତାରିଖ ବେଳକୁ ଦକ୍ଷିଣ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଅବପାତରେ ପରିଣତ ହେବାର ଆକଳନ କରାଯାଇଛି। ଏସବୁ ଭିତରେ, ଅକ୍ଟୋବର ପ୍ରଥମ ସପ୍ତାହ ଶେଷ କିମ୍ବା ଦ୍ୱିତୀୟ ସପ୍ତାହ ଆରମ୍ଭ ସୁଦ୍ଧା ଓଡ଼ିଶା ସମେତ ପ୍ରାୟ ଅର୍ଦ୍ଧାଧିକ ରାଜ୍ୟରୁ ମୌସୁମୀ ସମ୍ପୂର୍ଣ୍ଣ ବିଦାୟ ନେଇସାରିଥିବ। ମୌସୁମୀ ବିଦାୟ ପରେ ବାତ୍ୟା ଋତୁର ପ୍ରାରମ୍ଭ ଏବଂ ବଙ୍ଗୋପସାଗରରେ ବାତାବରଣକୁ ଦୃଷ୍ଟିରେ ରଖି ବାତ୍ୟା ହେବାର ସମ୍ଭାବନା ଅଧିକ ରହିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ମହାରାଷ୍ଟ୍ରରେ ଭୟଙ୍କର ଦୁର୍ଘଟଣା: ଟ୍ରକ୍-ଟେମ୍ପୋ ଧକ୍କାରେ ୭ ମୃତ, ୧୯ ଆହତ



ନୂଆଦିଲ୍ଲୀ,୦୨/୧୦ : ମହାରାଷ୍ଟ୍ରର ଅମରାବତୀ ଜିଲ୍ଲା ଧାମନଗାଁ ରେଳବାଇ ଷ୍ଟେସନ୍ ନିକଟରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା। ଏକ ଦ୍ରୁତଗାମୀ ଟ୍ରକ୍ ଓ ଟେମ୍ପୋ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରଦାର ଧକ୍କା ହେବାରୁ ଘଟଣାସ୍ଥଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଆଉ ୧୯ ଜଣ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ବୁଲଢାଣା ଜିଲ୍ଲାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ସେଗାଁରୁ ଏକ ଦୁର୍ଗା ମୂର୍ତ୍ତି ନେଇ ଟେମ୍ପୋ ପିକଅପ୍ ଭ୍ୟାନ୍‌ଟି ୱାର୍ଦ୍ଧା ଅଭିମୁଖେ ଫେରୁଥିଲା । ଧାମନଗାଁ ରେଳବାଇ ଷ୍ଟେସନ୍ ନିକଟରେ ଏହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ସହ ଟେମ୍ପୋର ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ ଟେମ୍ପୋଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଥିଲା । ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଓ ରେଳବାଇ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସହ କିଛି ସାମ୍ବାଦିକ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ଭାଙ୍ଗି ଯାଇଥିବା ଟେମ୍ପୋରୁ ଆହତମାନଙ୍କୁ ବାହାର କରି ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ମୋଟ ୧୯ ଜଣ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୪ରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି।

◆◆ପୃଷ୍ଠା ୭

## ଏସଆଇଆର ପରେ ବଡ଼ ପଦକ୍ଷେପ: ୨୦ ରାଜ୍ୟରେ ବାଦ ପଡ଼ିଥିବା ଭୋଟରଙ୍କ ନାମ ଯୋଡ଼ିବ ଇସିଆଇ




ନୂଆଦିଲ୍ଲୀ,୦୨/୧୦ : ସ୍ୱତନ୍ତ୍ର ନିବିଡ଼ ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ବିବାଦ ମଧ୍ୟରେ ନିର୍ବାଚନ କମିଶନ ନେଇଛନ୍ତି ଏକ ବଡ଼ ପଦକ୍ଷେପ । ଏସଆଇଆର ପ୍ରକ୍ରିୟା ଶେଷ ହୋଇଥିବା ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ପୁଣି ସାମିଲ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ ଇସିଆଇ ନିର୍ଦ୍ଦେଶ ଦେଇଛି । ଏହି ଅଭିଯାନରେ ନୂଆ ଓ ପ୍ରଥମ ଥର ଭୋଟ ଦେବାକୁ ଯୋଗ୍ୟ ନାଗରିକମାନଙ୍କୁ ମଧ୍ୟ ସାମିଲ କରାଯିବ । ଏସଆଇଆର ସମୟରେ ପ୍ରସ୍ତୁତ ହୋଇଥିବା ତାଲିକାରୁ ବାଦ ପଡ଼ିଥିବା ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ପୂର୍ବ ଓ ପରବର୍ତ୍ତୀ ଭୋଟର ତାଲିକାକୁ ତୁଳନା କରିବାକୁ ରାଜ୍ୟର ନିର୍ବାଚନ ଅଧିକାରୀଙ୍କୁ କୁହାଯାଇଛି। ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ଯଥେଷ୍ଟ କାରଣ ବିନା ବାଦ ପଡ଼ିଥିବା ସନ୍ଦେହ ରହିବ, ସେମାନଙ୍କୁ ଚିହ୍ନଟ କରି ପୁନଃ ପଞ୍ଜୀକରଣରେ ସହାୟତା କରାଯିବ । ଏଥିପାଇଁ ସାଧାରଣ ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ

# ସାଇକ୍ଲିଂରେ ଏସବିଡି ସ୍କୁଲ ଛାତ୍ର ହର୍ଷିତଙ୍କ ସଫଳତା

ଭଦ୍ରକ,୦୨/୧୦ (ନି.ପ୍ର): ଅକ୍ଟୋବର ମାସ ୧ ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ଜାତୀୟସ୍ତରୀୟ ମାଉଣ୍ଟେନିଂ ସାଇକ୍ଲିଂ ପ୍ରତିଯୋଗିତା ଗଜପତି ଜିଲ୍ଲା ମହେନ୍ଦ୍ରଗିରି ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଏସବିଡି ଇଂଟରନ୍ୟାସନାଲ ସ୍କୁଲର ନବମ ଶ୍ରେଣୀ ଛାତ୍ର ହର୍ଷିତ ନାୟକ ମନୋନୀତ ହୋଇଛନ୍ତି। ସଦ୍ୟ ଶେଷ ହୋଇଥିବା ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତାରେ ଉତମ ଖେଳ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ଯୁବ ବାଳକ ଦଳ ବିଭାଗରେ ଓଡ଼ିଶା ଦଳ ପକ୍ଷରୁ ସ୍ଥାନ ପାଇଛନ୍ତି। ସେ ପୂର୍ବରୁ ମଧ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ସଫଳତା ପାଇଥିଲେ। ହର୍ଷିତ ନିଜର ସଫଳତା ପାଇଁ ନିଜର ବାପା ମା'ଙ୍କୁ ଶ୍ରେୟ ଦେଇଥିବାବେଳେ ବାପା ସଂଗ୍ରାମୀ ଦେବିଦତ ନାୟକଙ୍କ ତତ୍ତ୍ୱାବଧାନରେ ସେ କିପରି ଜଣେ ଆର୍ନ୍ତଜାତୀୟ ସାଇକ୍ଲିଷ୍ଟ ହୋଇ ପାରିବେ ସେ ନେଇ ଆଶାବାଦୀ ଅଛନ୍ତି। ହର୍ଷିତଙ୍କ ସଫଳତା ପାଇଁ



ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଟର ଦେବତା, ଚେୟାରମ୍ୟାନ ଦେବାଶିଶ ଦୀକ୍ଷିତ, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦିକ୍ଷୀତ, ପରିଚାଳନା ନିର୍ଦ୍ଦେଶିକା ବନ୍ଦିତା ଦୀକ୍ଷିତ, ମାର୍ଗଦସର୍ଶକ ପ୍ର. ଶୈଳେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଶତପଥୀ, ଶିକ୍ଷାବିତ୍ ବିପିନି ବିବହାରୀ କର, ମାଡାମ ଚେୟାରମ୍ୟାନ ଆଶାବରୀ କର, ତଥା ଉପାଧକ୍ଷା ପୁଷ୍ପିତା ସ୍ୱାଇଁ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଏବଂ କର୍ମଚାରୀ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ଝାରସୁଗୁଡ଼ା,୦୨/୧୦ (ନି.ପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦୁଇ ଦିନ ଧରି ଆନ୍ତର୍ଜାତିକ ବୟସ୍କ ବ୍ୟକ୍ତି ଦିବସ ବ୍ୟାପକ ଭାବେ ପାଳିତ ହୋଇଯାଇଛି। ଆଜି ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହି ରାଲିକୁ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ପରବର୍ତୀ ସମୟରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ୍ ଅଡିଟୋରିୟମ ହଲ୍ ରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ, ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ 'ମିରର ଥିଏଟର' ଦଳ ଦ୍ୱାରା ବୟସ୍କମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଧାରିତ ଏକ ହୃଦୟସ୍ପର୍ଶୀ ନାଟକ ମଂଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା। ବରିଷ୍ଠ ନାଗରିକମାନଙ୍କୁ ସମାଜରେ ସମ୍ମାନର ସହ ବଂଚିବା ପାଇଁ ସମସ୍ତେ ସହଯୋଗ କରିବାକୁ ଏହି ସଭାରେ ଆହ୍ୱାନ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଅଧୀନରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅବସରରେ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ।

# ଝାରସୁଗୁଡ଼ା ଜିଲ୍ଲାରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ; ସମସ୍ତ ବ୍ଲକରେ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ପିପିଇ କିଟ୍ ବଂଟନ

ଝାରସୁଗୁଡ଼ା,୦୨/୧୦ (ନି.ପ୍ର): ଦେଶବ୍ୟାପୀ ପାଳିତ ହେଉଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅବସରରେ ଆଜି ଝାରସୁଗୁଡ଼ା ଜିଲ୍ଲାର ଗ୍ରାମାଚଂଳରେ କାର୍ଯ୍ୟରତ ସଫେଇ କର୍ମୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏକ ବ୍ୟାପକ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଏବଂ ସମସ୍ତ ପଂଚାୟତ ସମିତିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଅଭିଯାନରେ ଗ୍ରାମାଚଂଳକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ନିରନ୍ତର ସେବା ଯୋଗାଇ ଆସୁଥିବା ସଫେଇ ମିତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କ କାର୍ଯ୍ୟକ୍ଷେତ୍ରର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ସମସ୍ତ ପାଂଚଗୋଟି ବ୍ଲକ— ଝାରସୁଗୁଡ଼ା, କିର୍ମିରା, କୋଲାବିରା, ଲଇକେରା ଏବଂ ଲଖନପୁରରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯାଇଥିଲା। ଏହି ଶିବିର ଗୁଡ଼ିକରେ ଉପସ୍ଥିତ ସମସ୍ତ ସଫେଇ ମିତ୍ରଙ୍କ ରକ୍ତଚାପ, ମଧୁମେହ ସମେତ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥି ସହିତ ସେମାନେ ଯେପରି ସୁରକ୍ଷିତ ଭାବେ ନିଜର ଦାୟିତ୍ୱ ତୁଲାଇ ପାରିବେ, ସେଥିପାଇଁ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବା ପିପିଇ କିଟ୍ ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ସଫେଇ ମିତ୍ରମାନଙ୍କ ମନୋବଳ ବୃଦ୍ଧି କରିବା ସହ ସେମାନଙ୍କୁ ଆହୁରି ନିଷ୍ଠା ଓ ଉତ୍ସାହର ସହ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ ବୋଲି ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟସେବା ଯୋଗାଇବା ବ୍ୟତୀତ, ଏହି ଅବସରରେ ସଫେଇ ମିତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା କରାଯାଇଥିଲା। ସେମାନେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା, ସୁରକ୍ଷା ବୀମା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଉଛନ୍ତି କି ନାହିଁ ତାହାର ତଦାରଖ କରାଯାଇଥିଲା। ଯେଉଁମାନେ ଏପର୍ଯ୍ୟନ୍ତ ଏହି ଯୋଜନାଗୁଡ଼ିକ ସହିତ ଯୋଡ଼ି ହୋଇନାହାନ୍ତି, ସେମାନଙ୍କୁ ତୁରନ୍ତ ପଞ୍ଜୀକୃତ କରି ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ପ୍ରଣାମ କାର୍ଯ୍ୟକ୍ରମ

କନ୍ଧମାଳ,୦୨/୧୦ (ନି.ପ୍ର): ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ କ୍ଲବ ପରିସରରେ ଶିକ୍ଷାର ବିକାଶ ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଫୁଲବାଣୀ ସହରର ସମସ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ସହ ସହରର ଏଗାରଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ସ୍ମାରକୀ ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା । ରୋଟାରୀ କ୍ଲବ ସଭାପତି ତଥା ଆଇନଜୀବି ବିଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପାଳ ବେଦ ଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷଧିକାରୀ ରାଜେଶ୍ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ନିଷ୍ଠା, ଆନ୍ତରିକତା ଓ ଆଗ୍ରହର ସହ ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ଦାନ କଲେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବୋଲି କହିଥିଲେ । ସେହିପରି ଜିଲ୍ଲାପାଳ ବେଦଭୂଷଣ ଜିଲ୍ଲାରେ ଶିକ୍ଷାର ବିକାଶ ଓ ମାନ ବୃଦ୍ଧି କରିବା ପାଇଁ ଅଭିନବ ପ୍ରୟାସ କରି ଟିଚ କନ୍ଧମାଳ ପରି ଏକ ନୂଆ ଯୋଜନା ଆରମ୍ଭ କରି ସଫଳତା ଅର୍ଜନ ପାଇଁ ରୋଟାରୀ କ୍ଲବ ପକ୍ଷରୁ ଉପଢ୍ୌକନ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସ୍ୱାଇଁଙ୍କୁ ମଧ ଶିକ୍ଷାର ବିକାଶ ପାଇଁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରୀ କ୍ଲବ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ସହରର ପବ୍ଲିକ ସ୍କୁଲ, କକ୍ଷର୍ମେଲ ଇଂରାଜୀ ମିଡ଼ିୟମ୍, ସରସ୍ୱତୀ ବିଦ୍ୟାମନ୍ଦିର, ସଂସ୍କୃତ ସ୍କୁଲ, ଅରବିନ୍ଦ ଇଂଟେଗ୍ରାଲ ରିସର୍ଚ୍ଚ ସେଂଟର, କେନ୍ଦ୍ରୀୟ ବିଦ୍ୟାଳୟ, ପୋଲିସ୍ ସ୍କୁଲ, ଗାର୍ଲ୍ସ ହାଇସ୍କୁଲ, ଏଜେଓ ଉଚ୍ଚ ବିଦ୍ୟାଳୟ, ଶ୍ରୀ ସତ୍ୟ ସାଇ ସ୍କୁଲ, ଚିଦାନନ୍ଦ ସରସ୍ୱତୀ ସ୍କୁଲ ଆଦି ୧୧ଟି ହାଇସ୍କୁଲକୁ ସମ୍ବର୍ଦ୍ଧିତ କରିଥିଲେ । ରୋଟାରୀ କ୍ଲବ ପକ୍ଷରୁ ଆଗକ୍ଷମୀ ଦିନରେ ହେବାକୁ ଥିବା ରଞ୍ଜିତ ମାରାଥନ କାର୍ଯ୍ୟକ୍ରମ ସମ୍ପର୍କରେ ଉପ ସଭାପତି ରାଜେଶ ପାତ୍ର ସୂଚନା ଦେବାପରେ ପୁର୍ବତନ ସଭାପତି ଆଇନଜୀବି ରୋଟକ୍ଷରୀୟକ୍ଷନ ହରିଶ୍ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସମାଜସେବୀ ଅଶୋକ ପ୍ରଧାନ, ସ୍ୱାଗତ ତ୍ରିପାଠୀ ଓ ଅନିତା ପଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ରୋଟକ୍ଷରିଆନ, ଶିକ୍ଷକ ଶିକ୍ଷୟତ୍ରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ବାଲିଆପାଳ ବ୍ଲକରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଲିଆପାଳ ,୦୨/୧୦ (ନି.ପ୍ର): ସେପ୍ଟେମ୍ବର ୧୭ ତାରିଖ ଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ସ୍ୱଚ୍ଛତା ହିଁ ସେବା ୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଧବାର ବାଲିଆପାଳ ବ୍ଲକ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ରାଧାରଞ୍ଜନ ଦାଶ, ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା,ଏପିଓ ସୌମ୍ୟକାନ୍ତ ଦାସ, ସହକାରୀ ଯନ୍ତ୍ରୀ ଅମିତ ମୁର୍ମୁ,ଜିପିଡିଓ ପ୍ରୀୟବ୍ରତ ଗିରି,ବିପିଏମ ଉତ୍ତମ ସାହୁ, ଉପସ୍ଥିତ ଥିଲେ ।

# ରାଣୀତାଲ ପୌଢ଼ା ଆଶ୍ରମରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ ,୦୨/୧୦ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ରାଣୀତାଲ ପୌଢ଼ା ଆଶ୍ରମ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଓ ଦୌରାଜଜ୍ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୂଣ୍ୟଶ୍ଳୋକ ରଥ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ଅଧିକାର, ମାଗଣା ଆଇନଗତ ସହାୟତା, ସରକାରୀ ଆଇନ ସେବା ଓ ବିଭିନ୍ନ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ନିଜର ଅଧିକାର ସୁରକ୍ଷା ପାଇଁ ଆଇନର ଆଶ୍ରୟ ନେବା ସହ ଆବଶ୍ୟକ ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସହାୟତା ନେବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ।ଏହି ଅବସରରେ ଅଧିବକ୍ତା ତଥା ଆଇନଗତ ସହାୟକ ପରାମର୍ଶଦାତା ଡକ୍ଟର ତାପସ କୁମାର ମହାନ୍ତି ଆଇନଗତ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ମା' ବିରଜା ପୌଢ଼ ଭବନର ସଭାପତି ଜଗତ ଜୀବନ ପଣ୍ଡା, ଦିଶାର ସଦସ୍ୟ ରୋଟାରିଆନ୍ ଶିଶିର କୁମାର ମିଶ୍ର, ଅଧକ୍ଷ,ଜୟନ୍ତ ସେନାପତି, ସଦସ୍ୟ ରମେଶ ଚନ୍ଦ୍ର ପାଣିଗ୍ରାହୀ, ସରପଞ୍ଚ ତିଲୋତ୍ତମା ମହାପାତ୍ର, ସକ୍ରିୟ ସଦସ୍ୟ ପଦ୍ମଲୋଚନ ପଣ୍ଡା, ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୌଢ଼ା ଆଶ୍ରମର ଅନ୍ତେବାସୀମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନଗତ ସହାୟତା ଓ ନିଜ ଅଧିକାର ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ। ଆଇନ ସମ୍ପର୍କରେ ସଚେତନତା ବୃଦ୍ଧି ଦ୍ୱାରା ବରିଷ୍ଠ ନାଗରିକମାନେ ନିଜର ଅଧିକାର ସୁରକ୍ଷା ସହ ନ୍ୟାୟ ପାଇବାରେ ସହାୟତା ପାଇପାରିବେ ବୋଲି ପ୍ରମୁଖ ବକ୍ତା ମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ କୁ ଆଇନ ସେବା ପ୍ରାଧିକରଣର କର୍ମୀ ମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ସଦସ୍ୟ ଶ୍ରୀ ମହାପାତ୍ର ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପଣ୍ଡାପଡାରେ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଅନୁଷ୍ଠିତ

ଘଟଗାଁ,୦୨/୧୦ (ନି.ପ୍ର): ଅମ୍ବିକା ସରକାରୀ ଉଚ୍ଚ ବିଦ୍ୟାଳୟ ପଣ୍ଡାପଡା ଠାରେ ଅନୁଷ୍ଠିତ ହୋଇଯାଇଛି ୭୨ତମ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ। ଗତ ସେପଟେମ୍ବର ୨୭ ତାରିଖ ଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ୭୨ତମ ବନ୍ୟ ପ୍ରାଣୀ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ଅମ୍ବିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ ସଦର ରେଞ୍ଜ ଫରେଷ୍ଟ ଗାର୍ଡ ଭବାନୀ ଶଙ୍କର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟତ୍ରୀ ସୁସ୍ମିତା ମହାପାତ୍ର ମଂଚାସିନ ହୋଇଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଉପସ୍ଥିତ ଛାତ୍ରୀ ମାନଙ୍କୁ ଜଙ୍ଗଲରେ ବସବାସ କରୁଥିବା ବିଭିନ୍ନ ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ଓ ସଚେତନ ଲାଗି ପୁଙ୍ଖାନୁପୁଙ୍ଖ ବୁଝାଇ କହିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାଇକେଲ ସଚେତନତା ରାଲି

ଜୟପୁର,୦୨/୧୦ (ନି.ପ୍ର): ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀ, ସିୱା ର ସଦସ୍ୟ ଏବଂ ଜୟପୁର ସାଇକ୍ଲିଂ କ୍ଲବର ସଦସ୍ୟମାନଙ୍କ ମିଳିତ ଉଦ୍ୟମରେ ଏକ ସାଇକେଲ ସଚେତନତା ରାଲି ଆୟୋଜିତ ହୋଇଥିଲା। ରାଲିରେ ସାମିଲ ହୋଇଥିବା ସାଇକେଲ ଆରୋହୀମାନେ ଡାଲିମ୍ବଗୁଡ଼ା, ହରିଶ୍ଚନ୍ଦ୍ରଗୁଡ଼ା ଓ ଦୁଲିଗୁଡ଼ା ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ସେମାନେ ଗ୍ରାମବାସୀଙ୍କୁ ସ୍ୱେଚ୍ଛାରେ ରକ୍ତଦାନ କରିବା ପାଇଁ ଆହ୍ୱାନ କରିଥିଲେ। ଆବଶ୍ୟକ ସମୟରେ ରକ୍ତର ଅଭାବ ଯୋଗୁଁ ଯେପରି କୌଣସି ଜୀବନ ବିପଦରେ ନ ପଡ଼େ, ସେଥିପାଇଁ ସମସ୍ତେ ରକ୍ତଦାନ ପ୍ରତି ଆଗ୍ରହୀ ହେବାକୁ ରାଲିରେ ଅନୁରୋଧ କରାଯାଇଥିଲା। ଏହି ସମୟରେ ଡାଲିମ୍ବଗୁଡ଼ା ଗ୍ରାମର ଜଗବନ୍ଧୁ ମାଝି, ଯିଏ ଏବି ପଜିଟିଭ ରକ୍ତଗୋଷ୍ଠୀର, ସେ ପୂର୍ବରୁ ରକ୍ତଦାନ କରିଥିବା ଏବଂ ଆବଶ୍ୟକ ପଡ଼ିଲେ ଭବିଷ୍ୟତରେ ମଧ ରକ୍ତଦାନ କରିବାକୁ ପ୍ରସ୍ତୁତ ଥିବା କହିଥିଲେ। ରାଲିର ପଥରେ ଜଣେ ଦମ୍ପତି ମଧ ସ୍ୱେଚ୍ଛାରେ ଆଗେଇ ଆସି ଆବଶ୍ୟକ ସମୟରେ ରକ୍ତଦାନ କରିବାକୁ ନିଜର ସମ୍ମତି ପ୍ରକାଶ କରିଥିଲେ। ଏହା ରାଲିର ଉଦ୍ଦେଶ୍ୟକୁ ଅଧିକ ସଫଳ ଓ ପ୍ରେରଣାଦାୟକ କରିଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରତାପ କୁମାର ପଟ୍ଟନାୟକ, କେ. ମୋହନ ରାଓ, ଜି. ଅଜୟ କୁମାର, ଆୟୁଷ ପଟ୍ଟନାୟକ, ଦେବ ବାହାଦୁର, ମୋହିତ ଭାର୍ଗବ, ସି ଏଚ ସୁପ୍ରିୟା, ଏ. ଜ୍ଞାନେଶ୍ୱରୀ, ଏସ ଭାର୍ଗବୀ, ଏ. ହରିଣୀଙ୍କ ସମେତ ବହୁ ଛାତ୍ରଛାତ୍ରୀ, ସଦସ୍ୟ ଓ ସାଇକେଲ ଆରୋହୀ ଯୋଗଦେଇଥିଲେ।

# ପାରାଦ୍ୱୀପ ପୌରପାଳିକା ତରଫରୁ ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ



ପାରାଦ୍ୱୀପ,୦୨/୧୦ (ନି.ପ୍ର): ପାରାଦ୍ୱୀପ ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଗାନ୍ଧୀଛକ ପରିସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସହ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଦେଶ ପ୍ରତି ଅବଦାନ ଉପରେ ଆଲୋଚନା କରାଯାଇଥିଲା। ସଭାରେ 'ସ୍ୱଚ୍ଛତା ହିଁ ସେବା'ର ଗୁରୁତ୍ୱ ଉପରେ ଅଭିଭାଷଣ ଦିଆଯାଇଥିଲା। ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ସ୍ୱଚ୍ଛ ମିତ୍ର, ସ୍ୱଚ୍ଛ ସାଥୀ ଏବଂ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିବା ବେଳେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣର ଉପାଧକ୍ଷ ଶ୍ରୀ ଟି. ଭେନୁଗୋପାଳ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା, ପୌରାଧକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରିଣୀ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ, ବିଜୁ ମେମୋରିଆଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବସନ୍ତ ରାଉତ, ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ସର୍ବେଶ୍ୱର ବଳିୟାରସିଂହ, ପାରାଦ୍ୱୀପ ପୌରପାଳିକାର ସ୍ୱଚ୍ଛତା ରାଷ୍ଟ୍ରଦୂତ ଶ୍ରୀ ଅମ୍ବିକା ପ୍ରସାଦ ମହାପାତ୍ରଙ୍କ ସମେତ ବହୁ ପାରିଷଦ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦ୍ୱୀପ ପୌରପାଳିକା ଏବଂ ପାରାଦ୍ୱୀପ କଲେଜ ଏନସିସି ଆଲୁମୁନି ଆସୋସିଏସନର ମିଳିତ ପ୍ରଚେଷ୍ଟାରେ 'ଆମକୁ ଫରକ ପଡୁଛି, ପରିବର୍ତ୍ତନ ଆବଶ୍ୟକ' ଅଭିଯାନର ଲୋଗୋ ଉନ୍ମୋଚିତ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ପାରାଦ୍ୱୀପର ଜନସାଧାରଣଙ୍କୁ ସହରର ସ୍ୱଚ୍ଛତା, ପରିବେଶ, ସ୍ୱାସ୍ଥ୍ୟ ଓ ବିଭିନ୍ନ ସାଧାରଣ ସମସ୍ୟା ପ୍ରତି ସଚେତନ ହୋଇ ସମାଧାନ ପାଇଁ ନିଜ ନିଜ ସ୍ତରରେ ଗୋଟିଏ ପାଦ ଆଗକୁ ବଢ଼ାଇବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ 'ଏକ ପେଡ୍ ମା କି ନାମ' ଅଭିଯାନ ଅନ୍ତର୍ଗତ ୧୦୦ରୁ ଅଧିକ ଫଳନ୍ତି ଗଛର ଚାରା ରୋପଣ କରାଯାଇଥିଲା। ଜନସହଭାଗିତା ମାଧମରେ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ପାରାଦ୍ୱୀପ ଗଠନ ସହ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଏକାଠି ହେବାକୁ ଆହ୍ୱାନ ଦିଆଯାଇଥିଲା।

# ସେପ୍ଟେମ୍ବର ମାସରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ଦ୍ୱାରା ନୂତନ ରେକର୍ଡ ସୃଷ୍ଟି



ରାଉରକେଲା,୦୨/୧୦ (ନି.ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନାର ନ୍ୟୁ ପ୍ଲେଟ୍ ମିଲ୍ ସେପଟେମ୍ବର ମାସରେ ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି। ଉକ୍ତ ମିଲ୍ ୯୪,୫୧୭ ଟନ୍ ପ୍ଲେଟ୍ ଉତ୍ପାଦନ କରି ପ୍ରତିଷ୍ଠା ପରଠାରୁ ଏହାର ସର୍ବଶ୍ରେଷ୍ଠ ସେପଟେମ୍ବର ଉତ୍ପାଦନ ହାସଲ କରିଛି, ଯାହାକି ବିଗତ ବର୍ଷ ସେପଟେମ୍ବର ମାସରେ ହାସଲ ହୋଇଥିବା ପୂର୍ବର ଶ୍ରେଷ୍ଠ ଉତ୍ପାଦନ ୮୩,୮୬୨ ଟନ୍କୁ ଅତିକ୍ରମ କରିଛି। ଅଧିକନ୍ତୁ ୩୦ ଦିନିଆ ମାସଗୁଡ଼ିକ ମଧ୍ୟରେ ଏହା ମିଲ୍ର ପ୍ରତିଷ୍ଠା ପରଠାରୁ ସର୍ବାଧିକ ମାସିକ ଉତ୍ପାଦନ ରେକର୍ଡ ଅଟେ, ଯାହା ଜୁନ୍ ୨୦୨୬ରେ ହାସଲ ହୋଇଥିବା ପୂର୍ବ ରେକର୍ଡ ୮୯,୨୨୪ ଟନ୍କୁ ମଧ ଅତିକ୍ରମ କରିଛି । ଆଲୋଚ୍ୟ ମାସରେ ନ୍ୟୁ ପ୍ଲେଟ୍ ମିଲ୍ ୯୦,୨୩୭ ଟନ୍ ଚାଲାଣ କରି ପ୍ରତିଷ୍ଠା ପରଠାରୁ ଏହାର ସର୍ବଶ୍ରେଷ୍ଠ ସେପଟେମ୍ବର ଚାଲାଣ ରେକର୍ଡ କରିଛି। ଏହି ସଂଖ୍ୟା ସେପଟେମ୍ବର ୨୦୨୩ରେ ହାସଲ କରାଯାଇଥିବା ସର୍ବଶ୍ରେଷ୍ଠ ସେପଟେମ୍ବର ଚାଲାଣ ୮୮,୭୭୫ ଟନ୍କୁ ଅତିକ୍ରମ କରିଛି। ଏହା ବ୍ୟତୀତ, ଏହା ୩୦ ଦିନିଆ ମାସଗୁଡ଼ିକ ମଧ୍ୟରେ ମିଲ୍ର ସର୍ବାଧିକ ଚାଲାଣ ରେକର୍ଡ ଅଟେ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ଷଣ୍ମାସିକ (ଏଚ-୧) ରେ ମିଲ୍ର ସମୁଦାୟ ଉତ୍ପାଦନ ୫,୦୫,୫୧୯ ଟନ୍ରେ ପହଞ୍ଚିଛି, ଯାହା ଗତବର୍ଷର ସମାନ ଅବଧିର ଉତ୍ପାଦନ ପରିମାଣ ୫,୦୩, ୯୩୩ ଟନ୍କୁ ଅତିକ୍ରମ କରିଛି। ଉଲ୍ଲେଖ ଯୋଗ୍ୟ ଯେ ୧୧ ଦିନର ମୁଖ୍ୟ ମରାମତି କାର୍ଯ୍ୟ ସତ୍ତ୍ୱେ ମିଲ୍ ଏହି ସଫଳତା ହାସଲ କରି ପାରିଛି। ନ୍ୟୁ ପ୍ଲେଟ୍ ମିଲ୍ ଟିମ୍, ଏହାର ନେତୃତ୍ୱ ଏବଂ ସମସ୍ତ ସମ୍ପୃକ୍ତ ବିଭାଗର ଏହି ପ୍ରତିଶ୍ରୁତିବଦ୍ଧ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ, ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଗୁରୁତ୍ୱାରୋପ କରିଛନ୍ତି ଯେ କୌଣସି ବ୍ୟବସାୟିକ ସଂସ୍ଥାରେ ସ୍ଥାୟୀ ଲାଭ ହାସଲ କରିବା ପାଇଁ ନିରନ୍ତର ସୁଧାର ଏବଂ କ୍ରମାଗତ ଅଭିବୃଦ୍ଧି ଅତ୍ୟାବଶ୍ୟକ। ସେ ଏହି ଉତ୍ସାହ ବଜାୟ ରଖିବା ସହ ସେଲ୍, ଆରଏସପି ର ବିଜୟୀ ଧ୍ୱଜକୁ ବଜାୟ ରଖିବାକୁ ସମୁଦାୟିକ ଙ୍କୁ ଉତ୍ସାହିତ କରିଛନ୍ତି।

# ଆଇନ ସଚେତନତା ଶିବିର ଅନୁଷ୍ଠିତ

ପୁରୀ,୦୨/୧୦ (ନି.ପ୍ର): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ପୂର୍ବାହ୍ନ ୧୧ଟା ୩୦ ସମୟରେ ହୋପ ଇଜ ଲାଇଫ ଚାରିଟେବୁଲ ଟ୍ରଷ୍ଟ, ବେଲଦଳ, ପୁରୀ ଠାରେ ଆଇନ ସେବା ପ୍ରାଧିକରଣ ତରଫରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍ଘାଟନ କରିବା ସହ ନିଜ ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ଉପରେ ଆଲୋଚନା କରିବା ସହ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ, ୧୫୧୦୦ ଏବଂ ସମ୍ମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଆଇନ ସେବା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ, ସେହି ବିଷୟରେ ଆଲୋଚନା କରିଥିଲେ ।




ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍ସ, ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ । ତେବେ ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ । ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିୟମିତ ଗାଜର ଖାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସେମାନଙ୍କର ଶରୀରରେ ଆଣ୍ଟିବଡି ପରୀକ୍ଷା କରାଯିବାରୁ ଏହା ପୂର୍ବାପେକ୍ଷା ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା । ଆପଣ ଦୃଷ୍ଟିଶକ୍ତିଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଚକ୍ଷୁ ପରୀକ୍ଷା କରାଇ ନେବା ସହ ଆଉ ଏକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପ୍ରତିଦିନ ଗାଜର ଖାଆନ୍ତୁ । କାରଣ ଗାଜରରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପକାରୀ । ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ । ଗାଜର ନିୟମିତ ଖାଇଲେ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ । ତା'ସହ ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ । ଗାଜରରେ ପଟାସିୟମ୍ ଓ କ୍ୟାଲ୍‌ସିୟମ୍‌ର ମାତ୍ରା ଅଧିକ ଥିବାରୁ ଏହା ଅସ୍ଥିକୁ ଦୃଢ଼ ରଖିଥାଏ । ସବୁଠାରୁ ଖାସ୍ କଥା ହେଲା, ଏହାକୁ ପ୍ରତିଦିନ ଖାଇଲେ ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ ।




ଟମାଟୋରେ ଅନେକ ଉପକାରୀ ଗୁଣ ରହିଛି । ଆପଣ ଚର୍ବିଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ନିଜ ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ । ଏହା ଶରୀରରେ ଚର୍ବି ପରିମାଣ କମାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ ବୋଲି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ଚର୍ବିଜନିତ ସମସ୍ୟା ଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ । ସେମାନଙ୍କୁ ନିୟମିତ ଖାଦ୍ୟ ସହ ଟମାଟୋରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । କିଛି ମାସ ପରେ ସେମାନଙ୍କର ଚର୍ବି କେତେକାଂଶରେ କମିଥିବାର ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ନିୟମିତ ଟମାଟୋ ଖାଇଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ଦୃଷ୍ଟି ଶକ୍ତି ପାଇଁ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଟମାଟୋ ଖାଇଲେ ତାହା କ୍ୟାନ୍‌ସର ଆଶଙ୍କାକୁ କେତୋକଂଶରେ ଦୂରେଇ ରଖେ ବୋଲି ଉକ୍ତ ରିପୋର୍ଟରୁ ଜଣାପଡ଼ିଛି । ଟମାଟୋ ଖାଇଲେ ତାହା ପାଚନ କ୍ରିୟାକୁ ମଧ୍ୟ ଦୃଢ଼ କରିଥାଏ ।




ଆଜିକାଲି ପ୍ରାୟ ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ଖାଦ୍ୟପେୟ ଠିକ୍ ସମୟରେ ନ ଖାଇଲେ, ଆବଶ୍ୟକ ମୁତାବକ ପାଣି ନ ପିଇଲେ ଏହାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେବେ ଏଥିରୁ ଉପଶମ ପାଇବା ଲାଗି କେତୋଟି ସରଳ ତଥା ସହଜ ଉପାୟ ରହିଛି । ସବୁଠାରୁ ମୁଖ୍ୟ କଥା ହେଲା ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ । ଏଥିରେ ବିଳମ୍ବ ହେଲେ ପେଟରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦେଖାଦେଇଥାଏ, ଯାହାଦ୍ୱାରା ମୁଣ୍ଡ ବିନ୍ଧେ । ତା'ସହ ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ । ଆଉ ଏକ କଥା ହେଲା ନିଦ୍ରା । ଆମକୁ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ନିହାତି ଦରକାର । ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ମୁଣ୍ଡବିନ୍ଧାର କାରଣ ସାଜିଥାଏ । ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଶୁଅନ୍ତୁ । ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣି ପାରିଛନ୍ତି ଯେ ନିୟମିତ ଯୋଗ କରିବା ଦ୍ୱାରା ମୁଣ୍ଡବିନ୍ଧା ପରି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ । ବେଳେବେଳେ ଟେନ୍‌ସନ୍‌ର ବଶବର୍ତ୍ତୀ ହେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଦେଇଥାଏ । ତେଣୁ ଏହାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ ।




ଏଭଳି ପରିସ୍ଥିତିରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆହୁରି ଅଧିକ ଜରୁରୀ ହୋଇଥାଏ । ଯଦି ଏହି ସମୟରେ କିଛି ଅଭ୍ୟାସ ସମୟ ବଦଳା ନ ଯାଏ, ତେବେ ଆଗକୁ ଯାଇ ଏହି ଅଭ୍ୟାସଗୁଡ଼ିକ ରୋଗର କାରଣ ହୋଇପାରେ । ପୁରୁଷ ହୁଅନ୍ତୁ କି ମହିଳା ୪୦ ବର୍ଷ ବୟସରେ ଉପନିତ ହେଲେ ଶରୀର ଯେମିତି ହାତ ଟେକିଦିଏ । ଏହି ବୟସ ପରେ ଉଭୟ କିଛି ନା କିଛି କାମରେ ବ୍ୟସ୍ତ ଥାଆନ୍ତି । ସନ୍ତାନ ବଡ଼ ହେଉଥାନ୍ତି, କ୍ୟାରିୟର ଉଚ୍ଚତାରେ ଥାଏ ଏବଂ ଶରୀରରେ ମଧ୍ୟ ଅନେକ ପରିବର୍ତ୍ତନ ଆରମ୍ଭ ହୋଇଯାଏ । ଏଭଳି ପରିସ୍ଥିତିରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଆହୁରି ଅଧିକ ଜରୁରୀ ହୋଇଥାଏ । ଯଦି ଏହି ସମୟରେ କିଛି ଅଭ୍ୟାସ ସମୟ ବଦଳା ନ ଯାଏ, ତେବେ ଆଗକୁ ଯାଇ ଏହି ଅଭ୍ୟାସଗୁଡ଼ିକ ରୋଗର କାରଣ ହୋଇପାରେ । ତେବେ ଆସନ୍ତୁ ଜାଣିବା ୪୦ ବର୍ଷ ବୟସ ପରେ ମହିଳାମାନେ କେଉଁ ୭ ଟି ଖରାପ ଅଭ୍ୟାସରୁ ଦୂରେଇ ରହିବା ଉଚିତ୍, ଯାହା ଦ୍ୱାରା ଆପଣ ପ୍ରତି ବୟସରେ ସୁସ୍ଥ, ସତେଜ ଏବଂ ସକାରାତ୍ମକ ରହିବେ ।

***୪୦ ବର୍ଷ ବୟସ ପରେ ଏହି ଭୁଲଗୁଡ଼ିକ କରନ୍ତୁ ନାହିଁ-***

ଜଳଖିଆ ଛାଡ଼ିବା-

ଅନେକ ସମୟରେ ମହିଳାମାନେ ସକାଳର ଜଳଖିଆ ଛାଡ଼ି ଦିଅନ୍ତି, ବିଶେଷ କରି ସେତେବେଳେ ଯେତେବେଳେ ଶୀଘ୍ର ଶୀଘ୍ର କାମରେ ଲାଗିପଡ଼ନ୍ତି । କିନ୍ତୁ ଆପଣଙ୍କୁ ମନେ ରଖିବାକୁ ହେବ ଯେ ୪୦ ବର୍ଷ ପରେ ଏହି ଅଭ୍ୟାସ ଆପଣଙ୍କ ମେଟାବୋଲିଜିମକୁ ଧୀର କରିପାରେ । ଏହାଦ୍ୱାରା ଶକ୍ତି ସ୍ତର ଖସିଯାଏ ଏବଂ ଓଜନ ବଢ଼ିବାକୁ ଲାଗେ । ଦିନର ଆରମ୍ଭ ସର୍ବଦା ସୁସ୍ଥ ଜଳଖିଆ ଯେପରିକି ଓଟ୍ସ, ଫଳ, ଅଣ୍ଡା କିମ୍ବା ଇଡଲି-ଉପମା ସହିତ କରନ୍ତୁ ।

***ଗୋଟିଏ ସ୍ଥାନରେ ବସି ରହିବା-***

ୱାର୍କ ଫ୍ରମ୍ ହୋମ୍ ହେଉ କିମ୍ବା ଅଫିସ୍ ଚାକିରି, ଲମ୍ବା ସମୟ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ବସିବା ଆପଣଙ୍କ ଶରୀର ପାଇଁ ବିପଦଜନକ ହୋଇପାରେ । ୪୦ ବର୍ଷ ପରେ ମାଂସପେଶୀ ଦୁର୍ବଳ ହେବାକୁ ଲାଗେ ଏବଂ ହାଡ଼ ଘନତା ମଧ୍ୟ କମିଥାଏ । ପ୍ରତିଦିନ ଅତି କମରେ ୩୦ ମିନିଟର ୱାକ୍, ଯୋଗ କିମ୍ବା ଶକ୍ତି ଟ୍ରେନିଂକୁ ନିଜ ଜୀବନଶୈଳୀରେ ନିଶ୍ଚୟ ସାମିଲ କରନ୍ତୁ ।

***ଘଣ୍ଟା ଘଣ୍ଟା ଧରି ସ୍କ୍ରିନ୍ ଉପରେ ଲାଗି ରହିବା-***

ମୋବାଇଲ୍, ଲାପଟପ୍ ଏବଂ ଟିଭିର ଅତ୍ୟଧିକ ବ୍ୟବହାର ଆଖିର ଦୃଷ୍ଟିଶକ୍ତି ନୁହେଁ, ଆପଣଙ୍କ ନିଦ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଲମ୍ବା ସମୟ ଧରି ସ୍କ୍ରିନ୍ ଦେଖିବା ଦ୍ୱାରା ମୁଣ୍ଡବିନ୍ଧା, ବ୍ୟାକ୍ ପେନ୍ ଏବଂ ନିଦ୍ରାହୀନତା ଭଳି ସମସ୍ୟା ହୋଇଥାଏ । ପ୍ରତି ୩୦ ମିନିଟରେ ୨ ମିନିଟର ବିରତି ନିଅନ୍ତୁ ଏବଂ ସ୍କ୍ରିନଠାରୁ ଦୂରତା ରଖନ୍ତୁ ।

***ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା-***

ଅତ୍ୟଧିକ ତେଲରେ ଭଜା, ପ୍ରୋସେସଡ୍ ଏବଂ ମିଠା ଖାଇବା ଦ୍ୱାରା କେବଳ ଓଜନ ବଢ଼େ ନାହିଁ ବରଂ ହରମୋନାଲ୍ ବାଲାନ୍ସ ମଧ୍ୟ ବିଗିଡ଼ି ଯାଏ । ୪୦ ବର୍ଷ ପରେ ଏହା ଆହୁରି ଅଧିକ କ୍ଷତିକାରକ ହୋଇଥାଏ । ନିଜ ଡାଏଟରେ ଫାଇବର, ସବୁଜ ପନିପରିବା, ଡାଲି, ଶସ୍ୟ ଏବଂ ସୁସ୍ଥ ଫ୍ୟାଟ୍ସ ସାମିଲ କରନ୍ତୁ ।

***ନିଦରେ ଅବହେଳା-***

ରାତିରେ ବିଳମ୍ବ ପର୍ଯ୍ୟନ୍ତ ନ ଶୋଇବା ଏବଂ ଅନିୟମିତ ନିଦ ନେବା ୪୦ ବର୍ଷ ପରେ ସ୍ୱାସ୍ଥ୍ୟର ସବୁଠାରୁ ବଡ଼ ଶତ୍ରୁ ହୋଇଯାଏ । ନିଦର ଅଭାବରୁ ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହୋଇଥାଏ, ଷ୍ଟ୍ରେସ୍ ବଢ଼େ ଏବଂ ଓଜନ ମଧ୍ୟ ବଢ଼ିପାରେ । ପ୍ରତିଦିନ ୭-୮ ଘଣ୍ଟାର ନିଦ ନିଅନ୍ତୁ ଏବଂ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ ।

***ମାନସିକ ସ୍ୱାସ୍ଥ୍ୟ ଏବଂ ବଡି ଚେକଅପ୍ ଅଣଦେଖା କରିବା-***

୪୦ ବର୍ଷ ପରେ କେବଳ ଶରୀର ନୁହେଁ ମସ୍ତିଷ୍କକୁ ମଧ୍ୟ ସେତିକି ଭଲ ପାଇବା ଦରକାର । ଷ୍ଟ୍ରେସ୍, ଏକୁଟିଆପଣ ଏବଂ ଅଧିକ ଚିନ୍ତା ସହ ମୁକାବିଲା କରିବା ପାଇଁ ମେଡିଟେସନ୍ କରନ୍ତୁ, ଖୋଲାଖୋଲି ଭାବରେ କଥା ହୁଅନ୍ତୁ ଏବଂ ସମୟ ସମୟରେ ସ୍ୱାସ୍ଥ୍ୟ ଯାଞ୍ଚ ନିଶ୍ଚୟ କରାନ୍ତୁ । ଛୋଟ ଛୋଟ ଅଣଦେଖା ବଡ଼ ସମସ୍ୟା ସୃଷ୍ଟି କରିପାରେ ।

***ଧୂମପାନ ଏବଂ ମଦ୍ୟପାନର ଅଭ୍ୟାସ-***

ଯଦି ଆପଣ ଧୂମପାନ କରନ୍ତି କିମ୍ବା ବେଳେ ବେଳେ ମଦ୍ୟପାନ କରନ୍ତି, ତେବେ ୪୦ ବର୍ଷ ପରେ ଏହା ଉପରେ ନିୟନ୍ତ୍ରଣ ରଖିବା ଜରୁରୀ । ଏହି ଅଭ୍ୟାସଗୁଡ଼ିକ ନିଦ, ଚର୍ମ, ହରମୋନ୍ ଏବଂ ଓଜନ ସମସ୍ତଙ୍କୁ ପ୍ରଭାବିତ କରିଥାଏ । ଧୀରେ ଧୀରେ ଏଗୁଡ଼ିକଠାରୁ ଦୂରତା ରଖନ୍ତୁ ଏବଂ ସୁସ୍ଥ ଜୀବନଶୈଳୀ ଆଡ଼କୁ ପାଦ ବଢ଼ାନ୍ତୁ ।

ତେବେ ଏହି ୭ଟି ଖରାପ ଅଭ୍ୟାସକୁ ଆଜି ହିଁ ବାଏ-ବାଏ କୁହନ୍ତୁ ଏବଂ ନିଜ ୪୦ ବର୍ଷ ପରେ ଜୀବନକୁ ସୁସ୍ଥ, ଖୁସି ଏବଂ ସକାରାତ୍ମକ କରନ୍ତୁ । କାରଣ ଯେତେବେଳେ ଆପଣ ସୁସ୍ଥ ରହିବେ, ସେତେବେଳେ ଆପଣଙ୍କ ପୂରା ପରିବାର ଖୁସିରେ ରହିବେ । ବର୍ତ୍ତମାନ ନିଜକୁ ପ୍ରାଥମିକତା ଦେବାର ସମୟ ଆସିଛି । ଏହି ଅଭ୍ୟାସଗୁଡ଼ିକୁ ଛାଡ଼ନ୍ତୁ ଏବଂ ଏକ ସୁସ୍ଥ ଜୀବନ ଆଡ଼କୁ ପାଦ ବଢ଼ାନ୍ତୁ ।




ବିଭିନ୍ନ କାରଣ ନେଇ ଆଜିର ଜୀବନଶୈଳୀ ଅତ୍ୟନ୍ତ ଜଟିଳ ହୋଇଛି, ଯେଉଁଥିପାଇଁ ଲୋକ ଚାପଗ୍ରସ୍ତ ରହୁଛନ୍ତି । କିନ୍ତୁ ଛୋଟ କାରଣ ଭାବରେ ବିଚାର କରି ଟେନସନକୁ ଅଣଦେଖା କରନ୍ତୁ ନାହିଁ । ଏପରି କରିବା ଦ୍ୱାରା ଆପଣଙ୍କର ସମସ୍ୟା ଆହୁରି ବଢ଼ିବ । ଟେନସନ ଦୂର କରିବାର ଅର୍ଥ ନୁହେଁ ଯେ ଆପଣ ପ୍ରତିଯୋଗିତାର ଦୌଡ଼କୁ ଛାଡ଼ିଦିଅନ୍ତି । କିନ୍ତୁ କିଛି ଜୀବନଶୈଳୀରେ ପରିବର୍ତ୍ତନ ସହିତ, ଆପଣ ଆପଣଙ୍କ ଚାପକୁ ହ୍ରାସ କରି ଖୁସି ଏବଂ ଟେନସନ ମୁକ୍ତ ଜୀବନ ବିତାଇ ବାରେ ସହାଯ୍ୟ କରିବ । ଅନ୍ୟଥା ଷ୍ଟ୍ରେସ୍ ଭିତରେ ମୂଲ୍ୟବାନ ଜୀବନ ଛନ୍ଦି ହୋଇପଡ଼ିବ , ଆପଣ ଅସ୍ତବ୍ୟସ୍ତ ଭଳି ଅନୁଭବ କରିବେ । କାରଣ ଟେନସନ୍ ଶରୀର ପାଇଁ ସ୍ଲୋ ପଏଜନ୍ ଭଳି କାମ କରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି ।

ନିଜର ଯତ୍ନ ନିଅନ୍ତୁ : ନିଶା ସେବନ ଯେପରି ମଦ୍ୟପାନ, ନିଦ୍ରା ଜନିତ ଔଷଧ ନେବାରୁ ନିଜକୁ ଦୂରେଇ ରଖନ୍ତୁ । ବରଂ ସନ୍ତୁଳିତ ଆହାର ଗ୍ରହଣ କରିବା ସହ ୬ରୁ ୭ ଘଣ୍ଟା ଶୋଇବାକୁ ସମୟ ଦିଅନ୍ତୁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ନିୟମିତ ବ୍ୟାୟାମ କରନ୍ତୁ ।

ଆତ୍ମବିଶ୍ୱାସକୁ ଆଧାର କରନ୍ତୁ : ଦୁର୍ଶ୍ଚିନ୍ତାରୁ ଦୂରେଇ ରହିବାକୁ ତଥା ମାଂସପେଶୀଗୁଡ଼ିକୁ ଆରାମ ଦେବାକୁ ଧ୍ୟାନ, ଯୋଗ , ପ୍ରାଣାୟାମ କରିବା ସହ ପ୍ରାକୃତିକ ପରିବେଶରେ ସମୟ ବିତାନ୍ତୁ । ସଠିକ୍ ବାଟ ବତାଉଥିବା ଜଣେ ବା କିଛି ସାଙ୍ଗଙ୍କ ସହ କଥାବାର୍ତ୍ତା ହୋଇ ସମୟ କାଟନ୍ତୁ । କିନ୍ତୁ ସବୁବେଳେ ଜଣେ ଭଲ ସାଙ୍ଗକୁ ବାଛିବା ବି ଗୁରୁତ୍ୱପୂର୍ଣ୍ଣ ।

ବ୍ରେକ୍ ନିଅନ୍ତୁ : ଲଗାତାର କାମ କରିବା ଅପେକ୍ଷା କାମ ମଝିରେ କିଛି ସମୟର ବ୍ରେକ୍ ନେବାକୁ ଭୂଲନ୍ତୁ ନାହିଁ । କାରଣ ଏପରି କଲେ ଆପଣଙ୍କ ମସ୍ତିଷ୍କକୁ ଆରାମ ମିଳିବା ସହ ତାର ରଚନାତ୍ମକ କ୍ଷମତା ବଢ଼ିଥାଏ ବୋଲି ବିଶେଷଜ୍ଞମାନେ କୁହନ୍ତି ।

ସାମାଜିକ ବ୍ୟବସ୍ଥାରେ ରୁହନ୍ତୁ : ଏହା କହିବାର ଅର୍ଥ ଆଜିକାର ବ୍ୟସ୍ତ ବହୁଳ ଜୀବନଶୈଳୀ ଅନେକ ସମୟରେ ଦୁର୍ଶ୍ଚିନ୍ତାକୁ ବରଣ କରୁଛି । କାମ ବ୍ୟସ୍ତତା ଯୋଗୁଁ କାହା ସହିତ ମିଳିମିଶା କରିବା ସାକ୍ଷାତ କରିବାକୁ ସମୟ ରହୁନି । କେବଳ କାମର ଚାପ ମସ୍ତିଷ୍କକୁ ଚାପଗ୍ରସ୍ତ କରୁଛି , ଅନେକ ସମୟରେ କାମର ଚାପ ହେଉ କି ବ୍ୟକ୍ତିଗତ କିଛି ସମସ୍ୟା ମଣିଷକୁ ଏଭଳି ଚାପଗ୍ରସ୍ତ କରେ ଯେ କିଛି ଜଣ ଆତ୍ମହତ୍ୟାର ବାଟ ବାଛିବା ଦେଖିବାକୁ ମିଳୁଛି । କିନ୍ତୁ ସମାଜିକ ବ୍ୟବସ୍ଥା ଭିତରେ ରହିଲେ ଅର୍ଥାତ୍ ଲୋକଙ୍କ ସହ ମିଳାମିଶା ଓ କଥାବାର୍ତ୍ତାରେ ଆପଣଙ୍କୁ ହୁଏତ ଏସବୁରୁ ମୁକୁଳିବାର ବାଟ ମିଳିଯିବ । ଏହା ବ୍ୟତୀତ କାହା ସହ ଟିକେ କଥାବାର୍ତ୍ତା ହୋଇଗଲେ ମନ ଅନେକ ମାତ୍ରାରେ ହାଲକା ହୋଇଯାଏ ।

ସାମାନ୍ୟ ଦିନଚର୍ଯ୍ୟା ପାଳନ କରନ୍ତୁ : ଜୀବନକୁ ଜଟିଳ କରନ୍ତୁ ନାହିଁ । ସବୁବେଳେ ଏକ ସାମାନ୍ୟ ଜୀବନଚର୍ଯ୍ୟାକୁ ପାଳନ କରିବାକୁ ଚେଷ୍ଟା କରନ୍ତୁ ।ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ରାତିରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟରେ ଏବଂ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ । ଏହାସହ ଠିକ ସମୟରେ ନିଜର ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ ।

ଖାଲି ଏତିକି ନୁହେଁ ଆଉ ଏକ ଭଲ ଟିପ୍ସ ହେଉଛି କିଛି ସାମାଜିକ ହିତକର କାମରେ ନିଜକୁ ନିୟୋଜିତ ରଖନ୍ତୁ । ଯେମିତି ଗରୀବଙ୍କୁ ଖାଇବାକୁ ଦେବା , ବୁଲା ପଶୁଙ୍କ ସେବା କରିବା , ଗଛ ରୋପଣ କରିବା ଏଭଳି କାମ କରିବା ଦ୍ୱାରା ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ ।

ସବୁଠୁ ଭଲ ସାଙ୍ଗ, ବହି ପଢ଼ିବାକୁ ଭୁଲନ୍ତୁ ନାହିଁ । କାରଣ ଗୋଟେ ଭଲ ବହି ଜୀବନର ଅନେକ ଭଲ କଥା ଶିଖାଇଦିଏ , ବଞ୍ଚିବାର ବାଟ ଦେଖାଇଦେବାରେ ସହାୟକ ହୋଇଥାଏ ।

# ସକାଳୁ ଶୀଘ୍ର ଉଠିବାରେ ଅସୁବିଧା ହେଉଛି କି ? ଆପଣାନ୍ତୁ ଏହିସବୁ ଟିପ୍ସ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଅନେକ ଲୋକଙ୍କ ପାଇଁ ସକାଳୁ ଶୀଘ୍ର ଉଠିବା ଏକ ବଡ଼ ସମସ୍ୟା ପାଲଟିଛି । ରାତିରେ ବିଳମ୍ବରେ ଶୋଇବା ଏବଂ ସକାଳୁ ଡେରିରେ ଉଠିବା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି । ଯାହା ଦ୍ୱାରା ପୂରା ଶରୀରରେ ବିଭିନ୍ନ ସମସ୍ୟା ଦେଖାଦିଏ । କିନ୍ତୁ କିଛି ସହଜ ଉପାୟ ଆପଣେଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ । ତେବେ ଜାଣନ୍ତୁ ଶୀଘ୍ର ଉଠିବାର କିଛି ସହଜ ଉପାୟ ।

ଶୋଇବା ଏବଂ ଉଠିବାର ସମୟ ନିର୍ଦ୍ଧାରିତ କରନ୍ତୁ : ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଏବଂ ଉଠିବା ଦ୍ୱାରା ଶରୀରର ବାୟୋଲୋଜିକାଲ୍ କ୍ଲକ୍ ଠିକ୍ ଭାବରେ କାମ କରେ । ଏହାଦ୍ୱାରା ଆପଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ନିଦ ଆସିବ ଏବଂ ସକାଳୁ ବିନା ଆଲାର୍ମରେ ମଧ୍ୟ ନିଦ ଭାଙ୍ଗିଯିବ ।

ଆଲାର୍ମକୁ ଦୂରରେ ରଖନ୍ତୁ: ଯଦି ଆପଣଙ୍କୁ ଆଲାର୍ମ ବନ୍ଦ କରି ପୁଣି ଶୋଇପଡ଼ିବାର ଅଭ୍ୟାସ ଅଛି, ତେବେ ଆଲାର୍ମ ଘଣ୍ଟା କିମ୍ବା ମୋବାଇଲକୁ ବିଛଣାଠାରୁ ଦୂରରେ ରଖନ୍ତୁ । ଏହାଦ୍ୱାରା ଆପଣଙ୍କୁ ଆଲାର୍ମ ବନ୍ଦ କରିବାକୁ ଉଠିବାକୁ ପଡ଼ିବ, ଯାହା ଆପଣଙ୍କ ନିଦ ଭାଙ୍ଗିବାରେ ସାହାଯ୍ୟ କରିବ ।

ରାତିରେ ହାଲୁକା ଖାଦ୍ୟ ଖାଆନ୍ତୁ: ରାତିରେ ଅଧିକ କିମ୍ବା ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପାଚନକ୍ରିୟାରେ ସମସ୍ୟା ହୋଇପାରେ, ଯାହା ଭଲ ନିଦରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍ ?ରେ ଦୁଇ ଘଣ୍ଟା ପୂର୍ବରୁ ହାଲୁକା ଖାଦ୍ୟ ଖାଇବା ଉଚିତ୍ ।

ଶୋଇବା ପୂର୍ବରୁ ଇଲେକ୍ଟ୍ରୋନିକ୍ସ ଉପକରଣଠାରୁ ଦୂରେଇ ରୁହନ୍ତୁ: ମୋବାଇଲ, ଲାପଟପ୍ କିମ୍ବା ଟିଭିରୁ ବାହାରୁଥିବା ନୀଳ ଆଲୋକ ମସ୍ତିଷ୍କକୁ ସକ୍ରିୟ ରଖେ ଏବଂ ମେଲାଟୋନିନ୍ ଅର୍ଥାତ୍ ନିଦ ପାଇଁ ସୃଷ୍ଟି ହେଉଥିବା ହରମୋନ୍ କ୍ଷରଣରେ ବାଧା ସୃଷ୍ଟି କରେ । ତେଣୁ ଶୋଇବାର ଅତି କମ୍‌ରେ ଏକ ଘଣ୍ଟା ପୂର୍ବରୁ ଏଗୁଡ଼ିକର ବ୍ୟବହାର ବନ୍ଦ କରନ୍ତୁ ।

ସକାଳ ପାଇଁ ଏକ ଲକ୍ଷ୍ୟ ସ୍ଥିର କରନ୍ତୁ: ଯେତେବେଳେ ଆପଣଙ୍କ ପାଖରେ ସକାଳୁ ଉଠିବା ପାଇଁ କୌଣସି କାରଣ ଥାଏ, ଉଠିବା ସହଜ ହୋଇଯାଏ । ସକାଳୁ ବ୍ୟାୟାମ କରିବା, ପଢ଼ିବା କିମ୍ବା ନିଜର କୌଣସି ମନପସନ୍ଦର କାମ କରିବା ପାଇଁ ଯୋଜନା କରନ୍ତୁ ।

ପର୍ଯ୍ୟାପ୍ତ ପରିମାଣର ନିଦ : ଜଣେ ବୟସ୍କ ବ୍ୟକ୍ତି ପାଇଁ ଦୈନିକ ୭-୮ ଘଣ୍ଟାର ନିଦ ଆବଶ୍ୟକ । ଯଦି ଆପଣ ପର୍ଯ୍ୟାପ୍ତ ନିଦ ନେଉନାହାନ୍ତି, ତେବେ ସକାଳୁ ଉଠିବା କଷ୍ଟକର ହେବ । ତେଣୁ ଶୀଘ୍ର ଶୋଇବାକୁ ଚେଷ୍ଟା କରନ୍ତୁ ।

## ଦୁଷ୍ଟ କଳା ଘୋଡ଼ା ଓ ବୁଦ୍ଧିମାନ ମାଙ୍କଡ଼




ଡ. ରଜନୀ ରଂଜନ





ଘନ ଜଙ୍ଗଲରେ ଗୋଟିଏ ବଡ଼ କଳା ଘୋଡ଼ା ରହୁଥିଲା, ତା ନାଁ କାଲୁ । କାଲୁ ବହୁତ ବଳଶାଳୀ ଥିଲା ବୋଲି ସମସ୍ତଙ୍କୁ ମାଡ଼ ମାରୁଥିଲା, ଛୋଟ ଜନ୍ତୁଙ୍କ ଖାଦ୍ୟ ଛଡ଼ାଇ ନେଉଥିଲା । ସମସ୍ତେ ତାକୁ ଡରୁଥିଲେ ।

ସେହି ଜଙ୍ଗଲରେ ଗୋଟିଏ ଛୋଟ ମାଙ୍କଡ଼ ବି ରହୁଥିଲା, ତା ନାଁ ଟିଙ୍କୁ । ଟିଙ୍କୁ ବହୁତ ବୁଦ୍ଧିମାନ ଥିଲା ।

ଦିନେ କାଲୁ ଘୋଡ଼ା ଠେକୁଆ ଛୁଆର ଗାଜର ଛଡ଼ାଇ ନେଇ ଖାଇଗଲା । ଠେକୁଆଛୁଆ କାନ୍ଦି କାନ୍ଦି ଟିଙ୍କୁ ପାଖକୁ ଆସିଲା ।

ଠେକୁଆଛୁଆ -ଟିଙ୍କୁ ଭାଇ, କାଲୁକୁ କିଏ ସାବାଡ଼ କରିବ ? ସେ ବହୁତ ଦୁଷ୍ଟ ହେଲାଣି ।ଅଯଥା କଥାରେ ସମସ୍ତଙ୍କୁ ନାତ ମାରୁଛି। ଖାଇବା ଜିନିଷ ଛଡ଼ାଇ ନେଉଛି । ବଡ଼ମାନଙ୍କୁ ଖାତିର କରୁନି ।

ଟିଙ୍କୁ: ତୁ ଚିନ୍ତା କରନି । ବଳ ବଡ଼ ନା ବୁଦ୍ଧି ବଡ଼, କାଲି ଦେଖିବୁ ।

ପରଦିନ ଟିଙ୍କୁ ଗୋଟିଏ ବଡ଼ ମହୁ ଫେଣା ଆଣି ନଇ ପାଖ ପଥର ଉପରେ ରଖିଲା । ଆଉ ନିଜେ ଗଛ ଉପରେ ଲୁଚି ରହିଲା ।

କାଲୁ ଘୋଡ଼ା ସେଇ ବାଟ ଦେଇ ଆସୁଥିଲା । ମହୁ ଫେଣା ଦେଖି ତା ଜିଭରୁ ପାଣି ଗଡ଼ିଲା ।

କାଲୁ: (ମନେ ମନେ) ଓ୍ୱାଃ ! ଏତେ ବଡ଼ ମହୁ ଫେଣା ! ବହୁଦିନ ହେଲାଣି ମହୁ ମୋ ପାଟିରେ ବାଜିନି । ଆଜି ମଜା କରି ଖାଇବି ।

ସେ ଯେମିତି ମହୁ ଖାଇବାକୁ ମୁହଁ ବଢ଼ାଇଲା, ଟିଙ୍କୁ ଗଛ ଉପରୁ ଜୋରରେ ଚିଲ୍ଲାଇଲା -

ଟିଙ୍କୁ: ଆରେ କାଲୁ ! ଏଇ ମହୁ ମୁଁ ରାଜା ସିଂହଙ୍କ ପାଇଁ ରଖିଛି । ତୁ ଛୁଇଁଲେ ରାଜା ତୋତେ ମାରିଦେବେ !

କାଲୁ ଡରିଗଲା । କିନ୍ତୁ ଲୋଭ ସମ୍ଭାଳି ପାରିଲାନି ।

କାଲୁ: ମୁଁ ଶୀଘ୍ର ଖାଇ ପଳାଇବି, କେହି ଜାଣିବେନି ।

ସେ ଯେମିତି ମହୁରେ ମୁହଁ ମାରିଲା, ମହୁ ଭିତରୁ ଶହ ଶହ ମହୁମାଛି ବାହାରି ଆସିଲେ ! ଟିଙ୍କୁ ପୂର୍ବରୁ ମହୁଫେଣାରେ କାଠି କେଞ୍ଚି ମାଛିଙ୍କୁ ରଗାଇ ଦେଇଥିଲା ।

ମହୁମାଛି ସବୁ କାଲୁକୁ ଘେରି କାମୁଡ଼ିଲେ - ନାକରେ, କାନରେ, ପିଠିରେ !

କାଲୁ: ବାପ୍ ରେ ବାପ୍ ! ମରିଗଲି ! ବଞ୍ଚାଅ ! ବଞ୍ଚାଅ !

କାଲୁ ଚିତ୍କାର କରି ନଇକୁ ଡେଇଁ ପଡ଼ିଲା । ମହୁମାଛି ଚାଲିଗଲେ । କାଲୁର ସାରା ଦେହ ଫୁଲି ଯାଇଥିଲା ।

ଟିଙ୍କୁ ଗଛରୁ ଓହ୍ଲାଇ ଆସିଲା ।

ଟିଙ୍କୁ: କାଲୁ ଭାଇ, କେମିତି ଲାଗିଲା ମହୁ ? ତୁମେ ଛୋଟ ମାନଙ୍କୁ ହଇରାଣ କରୁଥିଲ ନା ? ଆଜି ଛୋଟ ମାଛିମାନେ ତୁମକୁ ସାବାଡ଼ କଲେ ।

କାଲୁ: (କାନ ଧରି) ମୋର ଭୁଲ୍ ହୋଇଗଲା ଟିଙ୍କୁ ଭାଇ । ମୁଁ ଆଉ କେବେ କାହାକୁ ହଇରାଣ କରିବିନି । ମୋତେ କ୍ଷମା କରିଦିଅ ।

ସେଦିନଠୁ କାଲୁ ଭଲ ହୋଇଗଲା । ସମସ୍ତଙ୍କ ସହିତ ମିଳିମିଶି ରହିଲା ।


+ ବାଳକାଟୀ, ଖୋର୍ଦ୍ଧା
(ମୋ)୯୩୩୭୨୬୧୦୭୫


ବିଜ୍ଞାନ ଗବାକ୍ଷ-୧୮


କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ




## ଶ୍ମଶାନର ନାମ ନେମୋ



ଆମେ ବିଭିନ୍ନ ସମୟରେ ଅନ୍ତର୍ଜାତିକ ମହାକାଶ ଷ୍ଟେସନ- ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନ କଥା ଶୁଣେ । କିଛିବର୍ଷ ତଳେ ମହାକାଶ ଯାତ୍ରୀ ସୁନୀତା ଉଇଲିୟମ ମାତ୍ର ୮ ଦିନ ଲାଗି ଆଇ. ଏସ.ଏସ୍‌କୁ ଯାଇ ସେଠାରେ ଆଠ ମାସ ଲାଗି ରହିବାକୁ ବାଧ୍ୟ ହୋଇଥିଲେ। ତାଙ୍କୁ ଫେରାଇ ଆଣିବାକୁ ଥିବା ଯାନରେ କିଛି ବୈଷୟିକ ତ୍ରୁଟି ଦେଖାଦେବାରୁ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଲା ଅନ୍ୟ ଏକ ମହାକାଶ ଯାନରେ ଫେରିବାକୁ। ଭାରତୀୟ ବଂଶୋଦ୍ଭବ ସୁନୀତାଙ୍କ ଲାଗି ଭାରତ ସମେତ ସାରା ପୃଥିବୀ ଚିନ୍ତିତ ଥିଲା। ଆଇ.ଏସ୍. ଏସ୍‌ରେ ଦୀର୍ଘଦିନ ଧରି ରହି ସେ ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିଥିଲେ।

ଗତବର୍ଷ ଜୁନ୍ ମାସ ୨୫ ତାରିଖରେ ଭାରତର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ସ୍ପେସ୍ ଏକ୍ସ ଫାଲକନ ରକେଟରେ ଆର୍ନ୍ତଜାତିକ ମହାକାଶ ଷ୍ଟେସନକୁ ଯାତ୍ରା କରି ଏକ ମହାନ୍ କୀର୍ତ୍ତିମାନ ସ୍ଥାପନ କରିଥିଲେ। ମହାକାଶ ଷ୍ଟେସନରେ ସେ ଅଠର ଦିନ ରହି ଅନେକ ଗବେଷଣା କରି ସେଇବର୍ଷ ଜୁଲାଇ ମାସ ପନ୍ଦର ତାରିଖ ଦିନ ପୃଥିବୀକୁ ଫେରି ଆସିଥିଲେ। ସ୍କ୍ୱାଡ୍ରର୍ଣ୍ଣ ଲିଡର ରାକେଶ ଶର୍ମାଙ୍କ ପରେ ସେ ଥିଲେ ଦ୍ୱିତୀୟ ଭାରତୀୟ ଯିଏ ମହାକାଶକୁ ଯାଇ ସୁରକ୍ଷିତ ଭାବରେ ପୃଥିବୀକୁ ଫେରି ଆସିଥିଲେ।

ବର୍ତ୍ତମାନ ପୃଥିବୀ କକ୍ଷରେ ଦୁଇଟି ମାତ୍ର ମହାକାଶ ଷ୍ଟେସନ କାର୍ଯ୍ୟକ୍ଷମ ଅଛନ୍ତି। ଚୀନର ଟିଆଙ୍ଗଙ୍ଗ ସ୍ପେସ୍ ଷ୍ଟେସନ ଓ ଆନ୍ତର୍ଜାତିକ ସ୍ପେଷ୍ଟ ଷ୍ଟେସନ। ଆନ୍ତର୍ଜାତିକ ସ୍ପେସ ଷ୍ଟେସନ ୨୦୦୦ ମସିହାଠାରୁ ନିରନ୍ତର କାର୍ଯ୍ୟକ୍ଷମ ଅଛି ଏବଂ ଏହା ୨୦୩୦ ମସିହା ବେଳକୁ ତାର ଡିଜାଇନ୍ ଜୀବନ କାଳ ସମାପ୍ତ କରିବ। ୨୦୩୧ ମସିହା ପ୍ରାରମ୍ଭରେ ଏହାକୁ ତାର କକ୍ଷରୁ ପୃଥିବୀ ମୁହଁ କରାଯିବ ଏବଂ ଏହାକୁ ନିୟନ୍ତ୍ରଣରେ ଆଣି ପ୍ରଶାନ୍ତ ମହାସାଗରର ଗଭୀରତମ ଅଂଚଳରେ ଜଳ ସମାଧି ଦିଆଯିବ। ସେଇ ଯାଗାଟିର ନାମକୁ ବୈଜ୍ଞାନିକମାନେ "ପଏଣ୍ଟ ନେମୋ" ବା ନେମୋ ବିନ୍ଦୁ ରଖିଛନ୍ତି।

'ନେମୋ ପଏଣ୍ଟ" ସଂପର୍କରେ ଅଧିକା ଆଲୋଚନା କରିବା ଆଗରୁ 'ନେମୋ' ନାମଟି ସଂପର୍କରେ ପଦେ ଲେଖିବା ଠିକ୍ ହେବ। ପୃଥିବୀର ଜଣେ ଶ୍ରେଷ୍ଠ ବିଜ୍ଞାନ ସାହିତ୍ୟର ଲେଖକ ଜୁଲ୍ସ ଭର୍ଣ୍ଣଙ୍କ ଉପନ୍ୟାସ। "ଟୋଣ୍ଟି ଥାଉଜାଣ୍ଡ ଲିଗ୍ସ ଅଣ୍ଡର ଦି ସି"ର ନାୟକ ଥିଲେ କ୍ୟାପଟେନ ନେମୋ। ଏହି ସାହାସୀ କିନ୍ତୁ ରହସ୍ୟମୟ ଚରିତ୍ର ସମୁଦ୍ରରେ ଯାତ୍ରା କରି ଅନେକ ଦୁଃସାହାସିକ କାର୍ଯ୍ୟର ନାୟକ ହୋଇଥିଲେ।

କିଛି ବର୍ଷ ତଳେ ଏକ ଲୋକପ୍ରିୟ ଆନିମେସନ ଚଳଚ୍ଚିତ୍ର "ଫାଇଣ୍ଡିଙ୍ଗ, ନେମୋ" ସାନଠାରୁ ବଡ଼ ପର୍ଯ୍ୟନ୍ତ ଦର୍ଶକଙ୍କ ମନ ମୋହିଥିଲା। ସେ ଚଳଚ୍ଚିତ୍ରରେ ଛୋଟ ରଙ୍ଗୀନ ମାଛ 'ନେମୋ' ହଜିଯିବା ଏବଂ ତାକୁ ପାଇବାକୁ ଉଦ୍ୟମ ବେଶ୍ ଚିତ୍ତାକର୍ଷକ ଥିଲା।

କିନ୍ତୁ ଆମେ ଏବେ ଯେଉଁ "ନେମୋ ବିନ୍ଦୁ" କଥା ଆଲୋଚନା କରୁଛେ ଏହା ମହାକାଶଯାନଙ୍କ ସମାଧିସ୍ଥଳର ନାମ। ପ୍ରଶନ୍ତ ମହାସାଗର ସବୁଠାରୁ ଅଧିକ ଗଭୀର ଯାଗା ଯାହା ସ୍ଥଳଭାଗଠାରୁ ବହୁତ ଦୂରରେ ଅଛି ମହାକାଶଯାନଙ୍କ ସମାଧି ଲାଗି ଉପଯୁକ୍ତ ଭାବେ ବିବେଚିତ ହୋଇଛି। ନିୟନ୍ତ୍ରଣରେ ଥିବା ମହାକାଶଯାନମାନଙ୍କୁ ପୃଥିବୀ ମୁହାଁ କରି ଏଇ ଅଂଚଳକୁ ଅଣାଯାଏ। ବାୟୁ ମଣ୍ଡଳରେ ପ୍ରବେଶ ମାତ୍ରେ ସେମାନେ ଜଳିବା ଆରମ୍ଭ କରନ୍ତି ଏବଂ ସେମାନଙ୍କ ଅବଶିଷ୍ଟାଂଶ ପ୍ରଶାନ୍ତ ମହାସାଗରର ଏଇ ଅଂଚଳ 'ନେମୋ'ରେ ଜଳସମାଧି ନିଏ। ଏ ପର୍ଯ୍ୟନ୍ତ ୩୦୦ରୁ ଅଧିକ ମହାକାଶଯାନଙ୍କ ଅବଶିଷ୍ଟାଂଶ ଏଠାରେ ଜଳସମାଧି ନେଇଛି। ଏହି ମହାକାଶଯାନଙ୍କ ଶ୍ମଶାନ 'ନେମୋ'ରେ ୨୦୩୧ ମସିହା ପ୍ରାରମ୍ଭରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ଆଇଏସ୍ଏମ ଜଳ ସମାଧି ନେବ।

(କ୍ରମଶଃ)


+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


## ବିପଦ ବେଳେ ସାହସ ଲୋଡ଼ା




ପ୍ରଦ୍ୟୁମ୍ନ ପଟ୍ଟନାୟକ




ନିଜ ଘରଠୁ ଦୂରରେ ଥିବା ସ୍କୁଲରେ ପଢୁଥାନ୍ତି ପିଲାମାନେ । ସ୍କୁଲ ଘରର ଉପରେ ମହଲାରେ ଥିବା ହଷ୍ଟେଲରେ ପିଲାମାନେ ରହୁଥିଲେ। ସେଠାରେ ଥାଏ ତାଙ୍କର ଖଟ ବିଛଣା, ବହି ଖାତା, ଜାମା ପଟା । ତଳ ମହଲରେ ଶ୍ରେଣୀ ଗୃହ ଏବଂ ରୋଷେଇ ଘର। ପିଲାମାନେ ତଳ ମହଲାରେ ପାଠ ପଢନ୍ତି । ରହନ୍ତି ଉପର ମହଲାରେ । ସ୍କୁଲଟି ଥାଏ ଗୋଟିଏ ନଈ କୂଳିଆ ଗାଁରେ।

ଶ୍ରାବଣ ମାସରେ ବର୍ଷା ଲାଗିରହିଲା । ଫଳରେ ନଦୀରେ ବଢ଼ି ଆସିଲା। ବଢ଼ି ପାଣିରେ ନଦୀବନ୍ଧରେ ଘାଇ ହେବାରୁ ପାଣି ଗାଁ ଭିତରକୁ ପଶିଲା । ପିଲାମାନେ ସକାଳୁ ଉଠି ଦେଖିବା ବେଳକୁ ସେମାନେ ରହୁଥିବା ସ୍କୁଲ ଚାରିକଡେ ବଢ଼ି ପାଣି ମାଡ଼ି ଯାଇଥାଏ। ପାଣି ଶ୍ରେଣୀ ଗୃହରେ ଏବଂ ରୋଷେଇ ଘରେ ପଶି ଯାଇଥାଏ । ତେଣୁ ପାଠ ପଢ଼ା ହୋଇ ପାରୁ ନଥାଏ । ରୋଷେଇ ନହେବାରୁ ଖାଇବା ପାଇଁ ବି କିଛି ନଥାଏ ।

ପିଲାମାନେ ଭୋକ ଉପାସରେ ରହିବା ସହ ବଢ଼ି ପାଣି ଦେଖି ଡରି ଯାଇଥାନ୍ତି। ଝରକା ଦେଇ ବାହାରକୁ ଦେଖିଲେ କେବଳ ଚାରିଆଡ଼ ପାଣିରେ ବୁଡ଼ିଥିବା ଦେଖା ଯାଉଥିଲା । କେତେ ପିଲା ବି ସେ ପାଣିରେ କୁମ୍ଭୀର ଏବଂ ସାପ ଭାସୁଥିବା ଦେଖି ଆହୁରି ଡରି ଯାଇଥିଲେ।

ପିଲାମାନେ ଭୟଭୀତ ହୋଇ ଯାଇଥିବା ବେଳେ ତାଙ୍କ ଭିତରେ ଗୋଟିଏ ସାହସୀ ପିଲା ଥିଲା । ତା ନାଁ ରାଜୁ । ସେ ତା' ସହ ଆଉ କେତେଜଣ ପିଲାଙ୍କୁ ନେଇ ଆଗକୁ ଆସିଲା। ସେମାନେ ଅନ୍ୟ ପିଲାମାନଙ୍କୁ ବୁଝା ସୁଝା କରି ଧୈର୍ଯ୍ୟ ଧରିବାକୁ କହିଲେ । ଛୋଟ ଛୋଟ ପିଲାମାନେ ଭୋକରେ ବିକଳ ହୋଇ କାନ୍ଦୁଥାଆନ୍ତି । କିଛି ପିଲାଙ୍କ ପାଖରେ ଖାଇବାକୁ ମୁଢ଼ି ଚୂଡ଼ା ଆଦି ଜଳଖିଆ ଥାଏ । ରାଜୁ ଏବଂ ତା'ର ସାଙ୍ଗମାନେ ସେସବୁ ଜଳଖିଆ ଏକାଠି କରି ନେଲେ । ତାକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଖାଇବାକୁ ଲାଗିଲେ । ଏକାଠି ହୋଇଥିବା ଜଳଖିଆ ଆଗ ଛୋଟ ଛୋଟ ପିଲାମାନେ ଖାଇଥିଲେ । ପରେ ବଡ଼ ପିଲାମାନେ ଖାଇଲେ।

ପିଲାମାନେ ଏମିତି ଜଳ ବନ୍ଦି ହୋଇ ରହିଥିବା ଖବର ପ୍ରଚାରିତ ହେଲା । ତାଙ୍କୁ ସେଠାରୁ ନୌକା ଦ୍ୱାରା ଉଧାର କରାଯିବା ବ୍ୟବସ୍ଥା କରାଗଲା । ସେତେବେଳକୁ ଦୁଇ ତିନିଦିନ ହୋଇ ଯାଇଥାଏ । ସେଯାଏ ପିଲାମାନେ ସାପ କୁମ୍ଭୀରଙ୍କ ଭୟ ଏବଂ ଭୋକ ଉପାସରେ ରହିଥିଲେ। ସେତେବେଳେ ରାଜୁ ଏବଂ ତା' ସାଥିମାନେ ପିଲାମାନଙ୍କୁ ବୁଝାଇ ତାଙ୍କୁ ଭୟ ନକରି ଶାନ୍ତ ରହିବାକୁ କହିଲେ । ବଡ଼ମାନେ ତାଙ୍କୁ ଉଧାର କରିବାବେଳେ ଆଗ ଛୋଟ ପିଲାମାନଙ୍କୁ ଡଙ୍ଗାରେ ପଠାଇ ରାଜୁ ଏବଂ ତା ସାଙ୍ଗ ମାନେ ପଛକୁ ରହିଲେ। ଏପରି ବିପଦ ବେଳେ ରାଜୁର ସାହସ ଦେଖି ସବୁ ତା'ର ପ୍ରଶଂସା କରିଥିଲେ।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


## ମାଁ ର ପଣତ କାନି


ମମତା ବଗର୍ତ୍ତୀ




ମାଁର ପଣତ କାନି ସାଜଇ
ପୁଅ ଝିଅଙ୍କର ଆଶ୍ରୟ,
ଲୋଡିଥାନ୍ତି ତା' ପିଲାମାନେ
ଦେଖି ପ୍ରତିକୂଳ ସମୟ ।।

ଟାଣ ଖରାରେ ଛୁଆକୁ
ପଣତ କାନିରେ ଢାଙ୍କି,
ଛୁଆକୁ ତା'ର ଆରାମ ଦିଏ
ଗ୍ରୀଷ୍ମ ପ୍ରକୋପକୁ ରୋକି ।।

ବର୍ଷାରେ ନ ଭିଜୁ ତା' ପିଲା
କାନିକୁ ମୁଣ୍ଡରେ ଘୋଡେଇ,
ନିଜକୁ ଯମା ସିଏ ନ ଦେଖି
ତା' ଛୁଆକୁ ଦିଏ ବଞ୍ଚେଇ ।।

ମାଁ ନିଜେ ପଛେ କମ୍ପୁଥାଏ
ପ୍ରବଳ ଛାତିଥରା ଶୀତରେ,
ଥଣ୍ଡା ସର୍ଦ୍ଦି ଜ୍ୱର ନ ହଉ ଛୁଆକୁ
ଓଢାଏ ତା' ପଣତ କାନିରେ ।।

ପିଲାଛୁଆ ସବୁ ଖାଇ ସାରି
ତଉଲିଆରେ ନ ପୋଛି ହାତ,
ଖୋଜିଥାନ୍ତି ମାଁର ପଣତ କାନିକୁ
ଖାଇସାରି ପିଲାଏଁ ଭାତ ।।

ମାଁ ର ପଣତ କାନି ଝାଡି ଦିଏ
ଛୁଆ ଦେହର ଧୂଳି ବାଲି ସମୂହ
ମାଁ ର ପଣତ କାନି ପୋଛେ
ତା' ଛୁଆ ଆଖିର ଲୁହ ।।

ଜୀବନେ ମାଁ ପଣତ କାନିର
ମହତ୍ତ୍ୱ ଯେ ଅତୁଳନୀୟ,
ମାଁ ଓ ତା' ସନ୍ତାନର ସଂପର୍କ
ସଦା ଅଟଇ ଅବର୍ଣ୍ଣନୀୟ ।।


+ ବଲାଙ୍ଗୀର


## ଶରତ ଲକ୍ଷଣ ଦିଶୁନି


କୀର୍ତ୍ତନ ସାହୁ




ଶରତ ଋତୁଟି ଚାଲିଅଛି ହେଲେ
ବରଷାର ଧାରା ଲାଗିଛି
ବାକି ଚାଷ କାମ ସାରି ଦେବା ପାଇଁ
ଚାଷୀ ଭାଇ ମନ ଜାଗିଛି।

ଗାଆଁ ବାଟ ପାଣି ପଚ ପଚ ହୋଇ
ଚାଲିବାକୁ କଷ୍ଟ ଦେଉଛି
ସହର ରାସ୍ତାରେ ପାଣି ସୁଅ ବହି
କେତେ ଅସୁବିଧା ହେଉଛି ।

କେଉଁଠି କେଉଁଠି ପାଣି ଜମି ଜମି
ଧାନ ଗଛ ପଚି ଯାଉଛି
ଆଉ କେଉଁଠି ତ ଅଳ୍ପ ବୃଷ୍ଟି ହୋଇ
ଚାଷୀ ଭାଇ କଷ୍ଟ ପାଉଛି ।

ଶରତ ଋତୁର ପାଗ ହେଉ ନାହିଁ
ଅବା ବର୍ଷା ଋତୁ ରହିଛି
କେବେ ଶରତର ଲକ୍ଷଣ ଦିଶିବ
ଏ ମଣିଷ ପରା ଚାହିଁଛି ।

ବାଡି ବଗିଚାରେ କେତେ ଫୁଲ ଫୁଟି
କାଶତଣ୍ଡି ତେଣେ ହସିବ
ବାଟ ଘାଟ ସବୁ ସଫା ହୋଇ ଯିବ
ପଡ଼ିଆରେ ହାଟ ବସିବ ।

ବରଷା କମିବ ଶରତ ଆସିବ
ମନଟି ଉଠିବ ନାଚିରେ
ଭଲ ମନ୍ଦ ଆମେ ବିଚାର କରିକି
କାମ କରିଯିବା ବାଛିରେ ।

ଦେଶ ପାଇଁ ଆମ ମନ ପ୍ରାଣ ଢାଳି
ଗାଇବା ଦେଶର ଗୀତରେ
ଦେଶର ହିତରେ ସମୟ କାଟିବା
ଆମେ ପରା ସବୁ ମିତରେ ।


+ ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ଛୋଟ ନୁହେଁ ଛୋଟ......


ରାମଚନ୍ଦ୍ର ବେହେରା




ଛୋଟ ଫୁଲଟିଏ ଖୁସି ଭରିଦିଏ
ବିତରି ମଧୁର ବାସ
ନିଜେ ହସି ସିଏ ସଭିଂକ ପରାଣେ
ଭରିଦିଏ ମିଠା ହସ।

ଛୋଟ ଛୋଟ କଥା ଶ୍ରଦ୍ଧାରେ କହିଲେ
ଛୁଅଁଇ ସଭିଂକ ମନ
ଛୋଟ କଥା କେବେ ଜାଳିପୋଡି ଦିଏ
ନିରୀହ କୋମଳ ପ୍ରାଣ।

ଛୋଟ ଛୋଟ ପାଦେ ବଢିଲେ ଆଗକୁ
ପୂରାହୁଏ ଚଲାପଥ
ଛୋଟ ଚଢେଇଟି ସଦା ଖୁସି ରୁହେ
ହେଉ ବର୍ଷା ଅବା ଶୀତ।

ଛୋଟ ଛୋଟ ତାରା ଆକାଶ ବୁକୁରେ
ଦିଶନ୍ତି ଯେସନେ ଫୁଲ
ଛୋଟ ଜହ୍ନମାମୁଁ ହସି ଗୀତ ଗାଏ
କିଏ ହେବ ତା'ର ତୁଲ।

ଛୋଟ ଝରଣାଟି ଆଗକୁ ବଢଇ
ବହୁ ବାଧା ଭେଦ କରି
ତା'ଶୀତଳ ଜଳ କୋମଳ ପରଶେ
ସୁନା କ୍ଷେତ ଯାଏ ଭରି।

ଛୋଟ ପିମ୍ପୁଡିଟି ସାଥୀ ମେଳ ହୋଇ
ଖଟୁଥାଏ ଦିନ ରାତି
ଛୋଟ ମହୁମାଛି ମହୁ ଶୋଷିନେଇ
ଯତନେ ରଖେ ସାଇତି।

ଛୋଟ ନୁହେଁ ଛୋଟ ସେ ପରା ବୃହତ
ନ'ମଣିବ ତାକୁ ହୀନ
ଛୋଟିଆ ବୀଜରୁ ବରଗଛ ଧରେ
ବିଶାଳ ରୂପ ଧାରଣ।


+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ଧାଇଁ ଗିଡି ଗିଡି ଧା


ସୁନୀଲ କୁମାର ପ୍ରଧାନ


ଧାଇଁ ଗିଡି ଗିଡି ଧା
ବାପା ମାଆଙ୍କର ସବୁ କଥା ତୁହି
ମନଦେଇ ଶୁଣୁଥା ।

ଧାଇଁ ଗିଡି ଗିଡି ଧା
ମାଆ କରିଥିବ ମାଣ୍ଡିଆ ଜାଉରେ
ହାପୁରି ହାପୁରି ଖା ।

ଧାଇଁ ଗିଡି ଗିଡି ଧା
ସୁରୁଜ ଉଇଁଲେ ପୂରୁବ ଆକାଶେ
ନିଦରୁ ତୁ ଉଠିଯା ।

ଧାଇଁ ଗିଡି ଗିଡି ଧା
କାନ୍ଥ ଘଣ୍ଟାରେ ଦଶୁଟା ହେଲାଣି
ବିଦ୍ୟାଳୟ ଶୀଘ୍ରଯା ।

ଧାଇଁ ଗିଡି ଗିଡି ଧା
ପାଠ ପଢାରେ ମନଦେଇ ତୁହି
ଭଲ ଚାଟ ହୋଇଥା ।


ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

# କେସି ହାଇସ୍କୁଲର ୫ ଛାତ୍ର ଉସୁଖେଳି କାଂସ୍ୟପଦକ ହାସଲ: ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହେଲେ ମହେଶ୍ୱର



ନୀଳଗିରି,୦୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ନୀଳଗିରି କ୍ରୀଡାକ୍ଷେତ୍ରରେ ସର୍ବଦା ଆଗଧାଡିରେ ରହୁଥିବାବେଳେ ଏବେ ଉସୁ ଖେଳରେ ଚମକିଛନ୍ତି ନୀଳଗିରିର ଖେଳାଳୀ। ରାଜ୍ୟ ସ୍କୁଲ କ୍ରୀଡାସଂଘ ପକ୍ଷରୁ କେଉଁଝର ଜିଲ୍ଲା ବଡବିଲ ଠାରେ ଆୟୋଜିତ ରାଜ୍ୟ ଉସୁ ଚ୍ୟାମ୍ପିଆନସିପ୍‌ରେ ନୀଳଗିରି କେସି ହାଇସ୍କୁଲ ଛାତ୍ର ଜୟପ୍ରକାଶ ମଲ୍ଲିକ, ହରିଶଙ୍କର ଗୋଛାୟତ, ହିମାଂଶୁ ଦାଶ, ଅବିନାଶ ହାଂସଦା କାଂସ୍ୟପଦକ ହାସଲକରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେହିପରି ରାଜ୍ୟସ୍ତରୀୟ ଉଷୁ କ୍ରୀଡା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତି ଅଞ୍ଚଳପାଇଁ ଗୌରବ ଆଣିଛନ୍ତି ୧୬ ବର୍ଷୀୟ କିକ୍ ବକ୍ସର ମହେଶ୍ୱର ସେଠୀ। ନୀଳଗିରି ସ୍ଥିତ ଛୋଟକାନପୁର ଗ୍ରାମର କମଳ ଲୋଚନ ସେଠୀ ମାତା ଅନିତା ସେଠୀଙ୍କ ପୁତ୍ର ମହେଶ୍ୱର ସେଠୀ ନୀଳଗିରି ମହାବିଦ୍ୟାଳୟର ଯୁକ୍ତଦୁଇ କଳାର ଦ୍ୱିତୀୟବର୍ଷର ଛାତ୍ର। ପିଲାବେଳୁ ତାଙ୍କର ଖେଳପ୍ରତି ଦୁର୍ବଳତା ରହିଥିଲା। ସେ ପ୍ରଥମେ ସ୍କୁଲସ୍ତରରେ କବାଡିଖେଳି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଖେଳିଥିଲେ। ହେଲେ ପ୍ରଶିକ୍ଷଣ ଅଭାବ ଓ ଘରେ କବାଡି ଖେଳକୁ ବାରଣ କରିବାରୁ ମହେଶ୍ୱର କବାଡିଖେଳରେ ଡୋରି ଲଗାଇଥିଲେ। ପରେ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ସ୍କୁଲରେ ଗୁରୁ ଜ୍ୟୋଷ୍ଣାରାଣୀ କିକ୍ ବକ୍ସିଂ ଖେଳବାବଦରେ ମହେଶ୍ୱରଙ୍କୁ ଅବଗତ କରିଥିଲେ। ତାଙ୍କ କଥାରେ ଅଣୁପ୍ରାଣିତ ହୋଇ ସେ କିକ୍ ବକ୍ସିଂ ଖେଳିବାପାଇଁ ମନ ବଳାଇଥିଲେ। ଘରେ ନଜଣେଇ ଲୁଚିଲୁଚି ମହେଶ୍ୱର ପ୍ରଶିକ୍ଷଣନେବା ଆରମ୍ଭ କରିଥିଲେ। ଗୋଟିଏବର୍ଷ ମଧ୍ୟରେ ନିଜକୁ ପାରଙ୍ଗମ କରି ସେ ଜାତୀୟ ସ୍ତରକୁ ମନୋନୀତ ହୋଇଥିବାବେଳେ ଆଗାମୀ ଦିନରେ ସେ ତାମିଲନାଡୁରେ ଖେଳିବାପାଇଁ ପ୍ରଶିକ୍ଷଣ ଜାରିରଖିଛନ୍ତି।

# ନିର୍ମାଣକୁ ଦେଢବର୍ଷ ବିତିଲା: ମଧୁପୁରା ଆରଆଇ ଅଫିସରେ ତାଲା, ଲୋକେ ହଇରାଣ



ବାଲିଆପାଳ ,୦୨/୧୦ (ନି.ପ୍ର): ନୂଆକୋଠା ନିର୍ମାଣକୁ ଦେଢ଼ ବର୍ଷ ବିତିଗଲାଣି। ପୂଜାର୍ଚ୍ଚନା ମଧ ସରିଥିବା କୁହାଯାଉଛି। ହେଲେ ଲୋକଙ୍କ ସେବା ପାଇଁ ନିର୍ମିତ ମଧୁପୁରା ଆରଆଇ ଅଦ୍ୟାବଧି ତାଲା ଖୋଲୁନି। ନୂଆ କୋଠା ଖାଲି ପଡ଼ିଥିବା ବେଳେ ଅନ୍ୟତ୍ର ଅସ୍ଥାୟୀ ଭାବେ ବେ ଚାଲିଛି କାର୍ଯ୍ୟାଳୟ। ଏହି ବି ବିଚିତ୍ର ସ୍ଥିତି ଏବେ ବିଭାଗୀୟ ବ୍ୟବସ୍ଥା ଉପରେ ହିଁ ପ୍ରଶ୍ନ ଛିଡା କରିଛି । ବାରମ୍ବାର ଏହି ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇଥିବା ସତ୍ତ୍ୱେ ମଧ କାର୍ଯ୍ୟାଳୟ କାହିଁକି କାର୍ଯ୍ୟକ୍ଷମ ହୋଇପାରୁନାହିଁ, ତାହା ନେଇ ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି। ବିଭାଗୀୟ ଅଧିକାରୀମାନେ ଏହି ବିଳମ୍ବର କାରଣ ସ୍ପଷ୍ଟ କରିବେ କି ବୋଲି ଆଲୋଚନା ହେଉଛି । ନା କୌଣସି ଅଦୃଶ୍ୟ ଶକ୍ତିର ଚାପରେ ଅଟକି ରହିଛି କାର୍ଯ୍ୟାଳୟର ଉଦଘାଟନ ବା କାର୍ଯ୍ୟକ୍ଷମତା। ଯଦି ଧରି ଏହି ଅସ୍ୱାଭାବିକ ବିଳମ୍ବର କାରଣ କ'ଣବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମଧୁପୁରା ଆରଆଇ ଅଧୀନରେ ତିନି ଖଣ୍ଡ ପଞ୍ଚାୟତର ପ୍ରାୟ ୨୪ଟି ଗାଁ ଏହି ଗାଁ ଏହି ରାଜସ୍ୱ ସର୍କଲ ରହିଛି। ରାଜସ୍ୱ ସମ୍ପର୍କିତ କାମ ପାଇଁ ଲୋକଙ୍କୁ ପ୍ରାୟ ୫ କିଲୋମିଟର ଦୂରକୁ ଯିବାକୁ ପଡୁଛି । ବର୍ତମାନ ବାଲିଆପାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ମହଲାରେ ଅସ୍ଥାୟୀ ଭାବେ ଏହି ସର୍କଲର କାମ ଚାଲିଥିବା ଜଣାପଡ଼ିଛି। ଯେତେବେଳେ ନୂଆ କୋଠା ନିର୍ମାଣ ଶେଷ ହୋଇସାରିଛି, ସେତେବେଳେ ଅସ୍ଥାୟୀ ବ୍ୟବସ୍ଥାକୁ ଏତେ ଦିନ ଧରି ଜାରି ରଖିବାର ଆବଶ୍ୟକତା କ'ଣ ପ୍ରଶ୍ନର ଉତ୍ତର ମିଳୁନାହିଁ । ଲୋକଙ୍କ ସୁବିଧା ପାଇଁ ୧ କୋଟି ୩୬ ଲକ୍ଷ ଟଙ୍କାରେ ନିର୍ମିତ ଏକ ସରକାରୀ କାର୍ଯ୍ୟାଳୟ ଯଦି ନିର୍ମାଣ ପରେ ମଧ ଦୀର୍ଘ ସମୟ ଧରି ବ୍ୟବହାରରେ ଆସୁନାହିଁ । ତେବେ ଏହାର ଉଦ୍ଦେଶ୍ୟ ଓ ପ୍ରଶାସନିକ ଦାୟିତ୍ୱ ଉପରେ ରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ନୂଆ କୋଠା ଥିଲେ ମଧ ଲୋକ ଲୋକଙ୍କୁ ଦୂରଦୂରାନ୍ତକୁ ଯିବାକୁ ପଡ଼ିବା ଘଟଣା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ମଧ ପ୍ରଶ୍ନ ଉଠୁଛି । ଏବେ ବିଭାଗୀୟ ଅଧିକାରୀମାନେ ନିରବତା ଭାଙ୍ଗନ୍ତୁ, ବିଳମ୍ବର ପ୍ରକୃତ କାରଣ ସାର୍ବଜନୀନ କରନ୍ତୁ ଏବଂ ନୂଆ ମଧୁପୁରା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ତୁରନ୍ତ କାର୍ଯ୍ୟକ୍ଷମ କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# ଛାନୁଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ବସ୍ତା ,୦୨/୧୦ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଛାନୁଆ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬ କ୍ଲଷ୍ଟରର ଅଧୀନ ଉଦୟ ନାରାୟଣ ସରକାରୀ ଉପ୍ରା ବିଦ୍ୟାଳୟ , ସୋଲପଟା ସ୍କୁଲ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା , ମୁଖ୍ୟ ବକ୍ତା ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଜେନା ଯୋଗ ଦେଇ ପିଲା ମାନଙ୍କର ଅନ୍ତର୍ନିହିତ ପ୍ରତିଭା ର ବିକାସ ଓ ଭଲ ପାଠ ପଢି ଜଣେ ବଡ ମଣିଷ ହେବା ସହିତ କିଛି ଭଲ ସାଠ କୁ ପାଥେୟ କରି ଜଣେ ଭଲ ମଣିଷ ହେବା ପାଇଁ ଅଭିଭାଷଣ ରଖିଥିଲେ ।ସମ୍ମାନିତ ଅତିଥି ଭାବେ ଛାନୁଆ ପଞ୍ଚାୟତ ସରପଞ୍ଚ ପ୍ରମିଳା ସେଠୀ , ଧୁବଲାଗଡି ଉଚ୍ଚ ମାଧମିକ ବିଦ୍ୟାଳୟ ର ଅଧକ୍ଷ ଯତୀନ୍ଦ୍ର ନାଥ ଦାସଅଧିକାରୀ, ସତସଙ୍ଗ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ବାରିକ , ସି ଆର ସିସି କଷାଫଳ କେଶବ ଚନ୍ଦ୍ର ରାଉତ , ସିଆର ସିସି ପୋଡପଦା କ୍ଲଷ୍ଟର ନିରଞ୍ଜନ ପଣ୍ଡା, ପୂର୍ବତନ ଶିକ୍ଷକ ନିତ୍ୟାନନ୍ଦ ରାଉତ , ଶ୍ରୀରାମ ପ୍ରାଇମେରୀ ସ୍କୁଲ ପ୍ରଧାନ ଶିକ୍ଷକ ଦୀପକ କୁମାର ମହାନ୍ତି ,ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ତରାଇ ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ , ଗଣିତ ଶିକ୍ଷା, ନୃତ୍ୟ , ସଙ୍ଗୀତ , ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗିତା ରେ ଉର୍ତିନ ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଦେଇ ଉତ୍ସାହିତ କରିଥିଲେ ସମସ୍ତ ଅତିଥି । ନୃତ୍ୟ ପ୍ରତିଯୋଗିତା ର ବିଚାରକ ଭାବେ ନୃତ୍ୟ ଶିକ୍ଷକ ଗୁରୁପ୍ରସାଦ ଦାସ ଓ ଶିକ୍ଷକ ରାଜକିଶୋର ଦଳାଇ ଦାୟିତ୍ୱ ତୁଲାଇଥିଲେ। ଉକ୍ତ ସୁରଭି କାର୍ଯ୍ୟକ୍ରମ କୁ ସ୍କୁଲ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ସଭାପତିତ୍ୱ କରିଥିଲାବେଳେ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ , ପରିଚାଳନା କମିଟି, ଗ୍ରାମବାସୀ ସୁଚାରୁ ରୁପେ ତୁଲାଇ ଥିଲେ।

# ବିଜୁଳି କାଟ୍, ଜିଓ ସେବା ବିପର୍ଯ୍ୟସ୍ତ: ଉପଭୋକ୍ତା ଅସନ୍ତୁଷ୍ଟ

ଝାରସୁଗୁଡ଼ା,୦୨/୧୦ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରା ଅଂଚଳରେ ଜିଓ ମୋବାଇଲ୍ ନେଟୱାର୍କ ସେବାକୁ ନେଇ ଉପଭୋକ୍ତାମାନେ ଦୀର୍ଘଦିନ ଧରି ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଛି। ବିଶେଷକରି ବିଦ୍ୟୁତ୍ ସରବରାହ ବନ୍ଦ ହେବା ମାତ୍ରେ ଅଂଚଳରେ ମୋବାଇଲ୍ ନେଟୱାର୍କ ସେବା ଗୁରୁତର ଭାବେ ପ୍ରଭାବିତ ହେଉଥିବା ନେଇ ସ୍ଥାନୀୟ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ କାଟ୍ ସମୟରେ ୫ଜି ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିବା ବେଳେ ୪ଜି ନେଟୱାର୍କ ମଧ ଅତ୍ୟନ୍ତ ଧୀର ଗତିରେ ଚାଲୁଥିବା ଅଭିଯୋଗ ରହିଛି। ଫଳରେ ସାଧାରଣ ଫୋନ୍ କଲ୍ ଠାରୁ ଆରମ୍ଭ କରି ମୋବାଇଲ୍ ଇଂଟରନେଟ୍ ବ୍ୟବହାର ପର୍ଯ୍ୟନ୍ତ ଉପଭୋକ୍ତାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନେଟୱାର୍କ ସେବା ବାଧାପ୍ରାପ୍ତ ହେବା ଯୋଗୁଁ ଜରୁରୀ ସମୟରେ ପରିବାର, ଡାକ୍ତରଖାନା ଓ ଅନ୍ୟାନ୍ୟ ଜରୁରୀ ସେବା ସହ ଯୋଗାଯୋଗ କରିବାରେ ମଧ ଅସୁବିଧା ହେଉଛି।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ -୨୦୨୬ ପାଳିତ




ନୀଳଗିରି,୦୨/୧୦ (ନି.ପ୍ର): ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକଦିବସ ପାଳିତ ହୋଇଯାଇଛି । ଉକ୍ତଦିବସକୁ ନୀଳଗିରି ତାଲୁକ ଆଇନର ସଭାପତି ତଥା ନୀଳଗିରି ଅଦାଲତର ଜିଲ୍ଲା ବିଚାରପତି ସମ୍ମାନନୀୟ ସ୍ରୋତସ୍ୱିନି କର ମହୋଦୟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଦିବସରେ ସମ୍ମାନିତ ଅତିଥିଭାବେ ମାନ୍ୟବର ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ମାନସ ରଞ୍ଜନ ସାମନ୍ତରାୟ ଓ ମାନ୍ୟବର କନିଷ୍ଠ ଦେୱାନୀ ତଥା ଫୌଜଦାରୀ ବିଚାରପତି ମୋନାଲିସା ପଣ୍ଡା ମହୋଦୟାଙ୍କ ସହ ସମ୍ମାନିତ ବକ୍ତା ଭାବେ ନୀଳଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ନିର୍ମଳା ଗୋଚ୍ଛାୟତ, ଡେପୁଟି କଲେକଟର ଶ୍ରୀଯୁକ୍ତ ଦେବୀ ଦତ୍ତ ପ୍ରୀତିରଞ୍ଜନ ବେହେରା,ଉଭୟ ନୀଳଗିରି ସବଡ଼ିଭିଜନ ଏବଂ ନୀଳଗିରି ଓକିଲ ସଂଘର ସଭାପତି, ସମ୍ପାଦକ, ବରିଷ୍ଠ ଏବଂ କନିଷ୍ଠ ଆଇନଜିବି ମହୋଦୟ ସମସ୍ତ ସାମ୍ବାଦିକବନ୍ଧୁ, ବୁଦ୍ଧିଜିବି, ଶିକ୍ଷାବିତ, ନୀଳଗିରି ଅଦାଲତର ସମସ୍ତ କର୍ମଚାରୀ ଏବଂ ପୂଜନୀୟ ବରିଷ୍ଠ ନାଗରିକ ଏବଂ ନାଗରିକା ମାନଙ୍କୁ ନେଇ ଏହି ଭବ୍ୟସମାରୋହ ଆୟୋଜନ କରାଯାଇଥିଲା । ଉକ୍ତ ଦିବସରେ ମୁଖ୍ୟ ଅତିଥି ମାନ୍ୟବର ନୀଳଗିରି ଅଦାଲତର ମୁଖ୍ୟ ଅତିରିକ୍ତ ଜିଲ୍ଲା ବିଚାରପତି ମହୋଦୟ ସ୍ରୋତସ୍ୱିନି କର ଆଜିର ବରିଷ୍ଠ ନାଗରିକ, ନାଗରିକା ମାନଙ୍କୁ ଭରଣପୋଷଣ ଏବଂ କଲ୍ୟାଣ ସାଧନ ପାଇଁ ଯେଉଁସବୁ ଆଇନ ଅଛି ସେ ସମ୍ପର୍କରେ ବିଶଦ ଭାବରେ ଆଲୋକପାତ କରି ସମସ୍ତ ବରିଷ୍ଠ ବ୍ୟକ୍ତି ମାନଙ୍କୁ ଅବଗତ କରିଥିଲେ ।ପରେ ପରେ ଏହି ଦିବସପାଳନ ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ତରଫରୁ ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟୀ କଲେକ୍ଟର ଶ୍ରୀଯୁକ୍ତ ଦେବୀ ଦତ୍ତ ପ୍ରୀତିରଞ୍ଜନ ବେହେରା, ବରିଷ୍ଠ ନାଗରିକ ସଂଘର ସଭାପତି ଶ୍ରୀଯୁକ୍ତ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ ,ସମ୍ପାଦକ ଶ୍ରୀଯୁକ୍ତ ସୁରେନ୍ଦ୍ର ସ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ସୁନନ୍ଦା ସାହୁ,ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର ଶତପଥୀ, ଏମ୍.ଆଇ,ଶ୍ରୀମତୀ ରାଜଲକ୍ଷ୍ମୀ ପଣ୍ଡା, ପ୍ରୋଗ୍ରାମ ଅଫିସର ପ୍ରମୁଖ ମଞ୍ଚାସିନ ଥିଲେ ।ଆଦ୍ୟ ଦିବସ ପାଳନ ଅବସରରେ କାର୍ଯ୍ୟକ୍ରମ ଆୟୋଜିତ ସ୍ଥଳରେ ନୀଳଗିରି ଅଞ୍ଚଳର ବରିଷ୍ଠ ନାଗରିକ ମାନଙ୍କର ନାମ ପଞ୍ଜୀକରଣ ଏବଂ ସେମାନଙ୍କ ଦ୍ୱାରା ବ୍ଲକପରିସରରେ ବୃକ୍ଷରୋପଣ କରାଯିବାପରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧାସୁଯୋଗ ବାର୍ଦ୍ଧକ୍ୟ ଭତ୍ତା, ଆଇନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବୀମା, ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏତଦ୍ ଭିନ୍ନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସୁସ୍ଥରହିବାପାଇଁ କେତେ ଗୁଡ଼ିଏ ଉପାଦେୟ ଟିପଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦ୍ୱାରା ପୂର୍ବରୁ ବିଦ୍ୟାଳୟ ସ୍ତରରେ ପ୍ରବନ୍ଧ, ଚିତ୍ରାଙ୍କନ, ବାକ୍ତୃତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅନ୍ତର୍ଜାତୀୟ ବରିଷ୍ଠନାଗରିକ ଦିବସ ପାଳନ ଅବସରରେ ନୀଳଗିରିର ବିଭିନ୍ନ ଅଞ୍ଚଳରୁ ବରିଷ୍ଠ ନାଗରିକ,ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା,ବୁଦ୍ଧିଜୀବୀ ଗଣମାଧ୍ୟମର ପ୍ରତିନିଧିଗଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଅଧକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସ୍ତରୀୟ ସିବିଏସଇ ଯୋଗାସନ ପ୍ରତିଯୋଗିତା ପାଇଁ ସାଇ ପ୍ରକାଶ ନାୟକ ମନୋନୀତ

ଭଦ୍ରକ,୦୧/୧୦ (ନି.ପ୍ର): ଭଦ୍ରକ ଜିଲ୍ଲାର ଅଗ୍ରଣୀ ସ୍କୁଲ ଭାବେ ପରିଗଣିତ ଏସବିଡି ଇଂଟରନ୍ୟାସନାଲ ସ୍କୁଲର ସପ୍ତମ ଶ୍ରେଣୀ ଛାତ୍ର ସାଇପ୍ରକାଶ ନାୟକ ପ୍ରଥମ ଥର ପାଇଁ ଭଦ୍ରକ ଜିଲ୍ଲାରୁ ଓ ସିବିଏସଇ ସ୍କୁଲର ୧୪ ବର୍ଷରୁ କମ ବାଳକ ଦଳର ଯୋଗାସନ ପ୍ରତିଯୋଗିତାରେ ଜାତୀୟ ସ୍ତରକୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ନାହା ଗ୍ରାମର ମାତା କଳ୍ପନା ମହାପାତ୍ର ଓ ପିତା ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପୁତ୍ର ସାଇ ପ୍ରକାଶ ଏହି ପ୍ରତିଯୋଗିତା ପୂର୍ବରୁ ପଶ୍ଚିମବଙ୍ଗ ସ୍ଥିତ ଜିଡି ଗୋଏଙ୍କା ସ୍କୁଲ, ଦକ୍ଷୀଣଶ୍ୱରରେ ଇସ୍ଟ ଜୋନସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୧୪ ବର୍ଷରୁ କମ୍ ଟ୍ରାଡିସନାଲ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ମନୋନୀତ ହୋଇଥିଲେ। ସେ ବର୍ତମାନ ଜାତୀୟସ୍ତରରେ ଭାଗ ନେବା ପାଇଁ ହରିଆନାର କର୍ଣ୍ଣଲ ସ୍ଥିତ ଶ୍ରୀରାମ ପବ୍ଲିକ ସ୍କୁଲକୁ ଯାତ୍ରା କରିବେ। ତାଙ୍କର ଏହି ସଫଳତା ପଛରେ ମାତା କଳ୍ପନାଙ୍କ ପ୍ରମୁଖ ଅବଦାନ ଅଛି ବୋଲି କହିଥିବାବେଳେ ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠର ଦେବତା, ଚେୟାରମ୍ୟାନ ଦେବାଶିଶ ଦୀକ୍ଷିତ, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦିକ୍ଷୀତ, ପରିଚାଳନା ନିର୍ଦ୍ଦେଶିକା ବନ୍ଦିତା ଦୀକ୍ଷିତ, ମାର୍ଗଦର୍ଶକ ପ୍ର. ଶୈଳେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଶତପଥୀ, ଶିକ୍ଷାବିତ ବିପିନି ବିହାରୀ କର, ମାଡାମ ଚେୟାରମ୍ୟାନ ଆଶାବରୀ କର, ତଥା ଉପାଧକ୍ଷା ପୁଷ୍ପିତା ସ୍ୱାଇଁ, ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଏବଂ କର୍ମଚାରୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବହଳଦାରେ ଡକାୟତି ଯୋଜନା ପଣ୍ଡ: ଦୁଇ ଆନ୍ତଃରାଜ୍ୟ ଅପରାଧୀ ଗିରଫ

## ଦୁଇଟି କାର ସହ ୧.୮୫ ଲକ୍ଷ ଟଙ୍କା, ଜୀବନ୍ତ ଗୁଳି ଓ ମାରଣାସ୍ତ୍ର ଜବତ



ବାରିପଦା,୦୨/୧୦ (ନି.ପ୍ର): ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଅପରାଧୀ ଓ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଡ୍ରାଇଭ 'ଦାମନ' ଅଭିଯାନରେ ବହଳଦା ପୋଲିସକୁ ବଡ଼ ସଫଳତା ମିଳିଛି। ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଦୁଇଜଣ ଆନ୍ତଃରାଜ୍ୟ ଅପରାଧୀଙ୍କୁ ପୋଲିସ ଗିରଫ କରିବା ସହିତ ଦୁଇଟି କାର, ନଗଦ ୧,୮୫,୭୦୦ ଟଙ୍କା, ଜୀବନ୍ତ ଗୁଳି, ଖଣ୍ଡା ସମେତ ବିଭିନ୍ନ ଅପରାଧିକ ସାମଗ୍ରୀ ଜବତ କରିଛି। ଏହି ଅବସରରେ ବହଳଦା ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଇରଙ୍ଗପୁର ପୋଲିସ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି-ଖିଜିରିଡାଣ୍ଡି ଛକ ନିକଟରେ ପାଞ୍ଚଜଣ ସନ୍ଦିଗ୍ଧ ବ୍ୟକ୍ତି ଦୁଇଟି କାରରେ ମାରଣାସ୍ତ୍ର ଓ ଅନ୍ୟାନ୍ୟ ଅପରାଧିକ ସାମଗ୍ରୀ ଧରି ଡକାୟତି ଯୋଜନା କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ବହଳଦା ଥାନାଧିକାରୀ ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ନାକାବନ୍ଦୀ କରି ଚଢ଼ଉ କରିଥିଲା। ପୋଲିସକୁ ଦେଖି ତିନିଜଣ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ଦୁଇଜଣଙ୍କୁ ପୋଲିସ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡର ସରାଇକେଲା-ଖରସୁଆଁ ଜିଲ୍ଲା ଚାଣ୍ଡିଲ ଥାନା ଅଞ୍ଚଳର ତପଛକ ଗ୍ରାମର ସ୍ୱର୍ଗତ ହାରୁନ ରଶିଦଙ୍କ ପୁଅ ଫରହାନ ରଶିଦ (୨୪) ଏବଂ ଜାମସେଦପୁରର ମାନଗୋ ଥାନା ଅଞ୍ଚଳ ହୁସେନ ମହଲା, ଜାକିର ନଗରର ମହମ୍ମଦ ଆକବରଙ୍କ ପୁଅ ମହମ୍ମଦ ହାଇଦର (୩୨)। ପୋଲିସ ସେମାନଙ୍କ ନିକଟରୁ ୧,୮୫,୭୦୦ ଟଙ୍କା ନଗଦ, କଳା ରଙ୍ଗର ହୁଣ୍ଡାଇ ଭେର୍ନା କାର ରେଜିଷ୍ଟ୍ରେସନ ନଂ- JH01CW5047, ଧଳା ରଙ୍ଗର ଟୟୋଟା ଫର୍ଚୁନର କାର ରେଜିଷ୍ଟ୍ରେସନ ନଂ- JH05AM1515, ଦୁଇ ପ୍ୟାକେଟ ଲଙ୍କାଗୁଣ୍ଡ, ଦୁଇଟି ମୋବାଇଲ ଫୋନ, ୧୦ ଫୁଟ ଦଉଡ଼ି, ୮ ଏମଏମର ଜୀବନ୍ତ ଗୁଳି ଏବଂ ଲୁହା ଖଣ୍ଡା ଜବତ କରିଛି। ଏହି ଘଟଣାରେ ବହଳଦା ଥାନାରେ କେସ ନମ୍ବର ୧୭୪/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଝାଡ଼ଖଣ୍ଡର ବିଭିନ୍ନ ଥାନାରେ ଗୋରୁ ଚୋରାଚାଲାଣ ସମେତ ଅନ୍ୟାନ୍ୟ ଅପରାଧିକ ମାମଲା ଥିବା ନେଇ ପୋଲିସ ସୂଚନା ଦେଇଛି। ଫେରାର ତିନିଜଣଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ବହଳଦା ଥାନାଧିକାରୀ ଭାସ୍କର ପ୍ରଧାନଙ୍କ ସମେତ ପୋଲିସ କର୍ମଚାରୀ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ନବ ଗଠିତ ବସ୍ତା ଏନଏସି ପାଇଁ କଂଗ୍ରେସର ନୂତନ କମିଟି ଘୋଷଣା




ବସ୍ତା ,୦୨/୧୦ (ନି.ପ୍ର): ବସ୍ତା କଂଗ୍ରେସ ପକ୍ଷରୁ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବସ୍ତା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ପାଇଁ ନୂତନ କଂଗ୍ରେସ କମିଟି କର୍ମକର୍ତ୍ତା ଘୋଷଣା କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟପ୍ରକାଶ ଦାସଙ୍କ ଅନୁମୋଦନ କ୍ରମେ ଏହି କମିଟି ଗଠନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଘୋଷିତ କମିଟିର ସଭାପତି ଭାବେ ରବୀନ୍ଦ୍ର ଦାସ, ସଂଯୋଜକ ଭାବେ କମଲଲୋଚନ ଜେନା ଓ କୋଷାଧକ୍ଷ ଭାବେ ଜଗଦିଶ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଉପସଭାପତି ଭାବେ ଅଜିତ ମହାପାତ୍ର, ଜନଜୀବନ ପ୍ରଧାନ ଓ ନିତ୍ୟାନନ୍ଦ ବିଶ୍ୱାଳଙ୍କ ନାମ ଘୋଷଣା ହୋଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଗଦାଧର ବେହେରା, ରୌମ୍ୟରଞ୍ଜନ ସାହୁ, ପିଣ୍ଟୁ ବୈଠା ଓ ସଞ୍ଜୟ ଦାସ ଏବଂ ସମ୍ପାଦକ ଭାବେ ସେକ୍ କବିରୁଦ୍ଦିନ, ଜ୍ୟୋତିପ୍ରକାଶ ନାୟକ, ମୁରଲୀଧର ବିନ୍ଧାଣି, ସନାତନ ସାହୁ ଓ ବେଣୁଧର ବେହେରାଙ୍କୁ ମନୋନୀତ କରାଯାଇଛି ।ପଛୁଆ ବର୍ଗ ସଭାପତି ଭାବେ ଗୌରାଙ୍ଗ ସେଠୀ, ମହିଳା କଂଗ୍ରେସ ସଭାପତି ଭାବେ ନିବେଦିତା ବିଶ୍ୱାଳ, ସଂଖ୍ୟାଲଘୁ ସେଲ୍ ସଭାପତି ଭାବେ ସେକ୍ ରଜାକ ଓ ଉପସଭାପତି ଭାବେ ସେକ୍ ଜାକିର ହୁସେନଙ୍କ ନାମ ଘୋଷଣା କରାଯାଇଛି। ନିମନ୍ତ୍ରିତ ସଦସ୍ୟ ଭାବେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ମନୋଜ ମହାନ୍ତି, ଜିଲ୍ଲା ଉପସଭାପତି ସୁଧାଂଶୁ ଶେଖର ଜେନା, ଗୌରାଙ୍ଗ ବେହେରା ଓ କଳ୍ପନା ଦାସଙ୍କ ସମେତ ଅନ୍ୟମାନଙ୍କ ନାମ ଘୋଷଣା କରାଯାଇଛି ।ଏହି ସମ୍ମିଳନୀରେ ବସ୍ତାର ସ୍ୱାସ୍ଥ୍ୟ.ଶିକ୍ଷା, ଗମନାଗମନ ଓ ରେଳ ଭିତ୍ତିଭୂମି ବିକାଶ ପ୍ରସଙ୍ଗ ମଧ ଉଠାଯାଇଥିଲା। କଂଗ୍ରେସ ସରକାର ସମୟରେ ଚିନ୍ତାମଣି ଜେନା ଓ ଭୂପାଳ ଚନ୍ଦ୍ର ମହାପାତ୍ର ଓ ପୂର୍ଣ୍ଣ ଚନ୍ଦ୍ର ଦାସ ମହାପାତ୍ର .ବୁଲା ଗୁପ୍ତା.ଙ୍କ ସମୟରେ ବସ୍ତାରେ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇଥିବା ଦଳ ପକ୍ଷରୁ କୁହାଯାଇଥିଲା ।ମାତ୍ର ଦିର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବିଜେଡି ଓ ବିଜେପି ସରକାର ଆସିଥିଲେ ମଧ ସେହି ଅନୁପାତରେ ବିକାଶ ହୋଇନଥିବା ଅଭିଯୋଗ କରାଯାଇଥିଲା ।ଆଗାମୀ ଦିନରେ ବସ୍ତା ଏନଏସି କଂଗ୍ରେସ ଦଖଲ କଲେ ଅଞ୍ଚଳର ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦିଆଯିବ ବୋଲି ନୂତନ ସଭାପତି ରବୀନ୍ଦ୍ର ଦାସ ପ୍ରକାଶ କରିଥିଲେ। ଶେଷରେ ଯୁବ ଆଇନଜିବି ଜନ୍ମଜୟ ପ୍ରଧାନ ଧନ୍ୟବାଦ ଯଣାଇଥିଲେ ।

# ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

## ଘର ବାହୁଡ଼ିଲେ ପୂର୍ବତନ ମହିଳା ସଭାପତି ଲିପିକା ରାଉଳ

ବାଲିଆପାଳ, ୦୨/୧୦ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀ ଅବସରରୁ ରାଜ୍ୟବ୍ୟାପୀ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଅକ୍ଟୋବର ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।ଏହି ପରିପ୍ରେକ୍ଷୀରେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ମଥାନୀସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପଠାରେ ଏକ ସଭା ଓ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ବସ୍ତା ବ୍ଲକର ପୂର୍ବତନ ମହିଳା ବିଜେଡି ସଭାପତି ଲିପିକା ରାଉଳ ପୁଣିଥରେ ଦଳକୁ ଫେରିଥିବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହୋଇଥିଲା। ସୂଚନା ଅନୁଯାୟୀ ବସ୍ତା ବ୍ଲକର ପୂର୍ବତନ ମହିଳା ସଭାପତି ଲିପିକା ରାଉଳ ଆଜି ଘର ବାହୁଡ଼ା ହୋଇଛନ୍ତି।ସେ ବିଗତ ଦିନରେ ଯେତେବେଳେ ବସ୍ତା




ବିଧାୟାକା ସୁବାସିନୀ ଜେନା ଦଳବିରୋଧୀ କାର୍ଯ୍ୟପାଇଁ ଦଳର ସଭାପତି ମାନ୍ୟବର ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କୁ ବିଜୁଜନତା ଦଳରୁ ବିହାଷ୍କାର କରିଥିଲେ। ସେତେବେଳେ ଶ୍ରୀମତୀ ରାଉଳ ମଧ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସେ ନବୀନ ପଟ୍ଟନାୟକ ସ୍ୱଚ୍ଛନିର୍ମଳ ଶାସନ ତାଙ୍କ ପ୍ରତି ଭଲପାଇବା ଜାଣିପାରି ଆଜିର ଜନସମ୍ପର୍କ ପଦଯାତ୍ରା ଅବସରରେ ସେ ପୁଣିଥରେ ଦଳୀୟ ଶିବିରକୁ ଫେରିଥିବା ନେଇ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ।ପରେ ମଥାନୀସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଗାନ୍ଧୀଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ବସ୍ତା ନିର୍ବାଚନ ମଣ୍ଡଳୀ ସଂଯୋଜକ ତଥା ବସ୍ତା ବ୍ଲକ ବିଜେଡି ସଭାପତି ମହାଦେବ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଭଗବାନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ଜିଲ୍ଲା ଛାତ୍ର ସଭାପତି ହରେକୃଷ୍ଣ ପ୍ରଧାନ, ବସ୍ତା ଏନ୍‌ଏସି ସଭାପତି କମଳାକାନ୍ତ ବେହେରା, ସୁବୋଧ କୁମାର ରାଉଳ, ପୂର୍ଣ୍ଣଚନ୍ଦ୍ର ଜେନା, ଯୁବନେତା ଦାମୋଦର ଦାସ, ଯୁବନେତା ରାଜେଶ କୁମାର ଗିରି, ରାଜକିଶୋର ବେହେରା, ସୁରେନ୍ଦ୍ର ସେଠୀ, ଦେବେନ୍ଦ୍ର ବେହେରା, ଅଖିଳ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ। ସଭାରେ ବକ୍ତାମାନେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ସହ ଆଗାମୀ ଦିନରେ ଏକତାବଦ୍ଧ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବସ୍ତା ଓ ବାଲିଆପାଳ ପଞ୍ଚାୟତ ସମିତି ସମେତ ନୂତନ ଭାବେ ଘୋଷିତ ବସ୍ତା ଏନ୍‌ଏସିରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ବକ୍ତାମାନେ ବର୍ତ୍ତମାନର ବିଜେପି ସରକାରଙ୍କ ଅଢ଼େଇ ବର୍ଷର ଶାସନକାଳକୁ ନେଇ ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ସରକାରଙ୍କ ବିଭିନ୍ନ ନୀତି ଓ କାର୍ଯ୍ୟପ୍ରଣାଳୀ ଉପରେ ମତାମତ ରଖିଥିଲେ।ସଭାରେ ବହୁ ସରପଞ୍ଚ, ସମିତି ସଭ୍ୟ-ସଭ୍ୟା, ଯୁବ, ଛାତ୍ର ଓ ମହିଳା ବିଜେଡିର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦିଲ୍ଲୀରୁ ମୁମ୍ବାଇ: ଗାନ୍ଧି...

ଛାତ୍ରୀ ନେହାଙ୍କ ସମେତ ପୁଲିସ୍ ପ୍ରାୟ ୧୧୦୦ ଜଣ ବିକ୍ଷୋଭକାରୀଙ୍କୁ ଆଜି ଉଠାଇ ନେଇ ଅଟକ ରଖିଛି। ହେଲେ ସେମାନେ ଜ୍ଞାନେଶ କୁମାର ଇସ୍ତଫା ନ ଦେବା ଯାଏ ପଛକୁ ହଟିବେ ନାହିଁ ବୋଲି କହିଛନ୍ତି। ଏପଟେ ମୁମ୍ବାଇରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରଣହୁଙ୍କାର ଦେଇଛି ଦେଶର ନୂଆ ବିପ୍ଲବ ସୃଷ୍ଟି କରିଥିବା ସିଜେପି। ଶିବାଜୀ ପାର୍କ ଆନ୍ଦୋଳନ ପାଇଁ ପୁଲିସ୍ ଅନୁମତି ଦେଇ ନଥିଲେ ହେଁ ହଜାର ହଜାର ଜେନ ଜି ଏକାଠି ହୋଇ କେନ୍ଦ୍ର ସରକାର ଓ ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜିଛନ୍ତି। ସିଜେପିର ମଞ୍ଚରୁ ସିଧାସଳଖ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ଜୋରଦାର କରିଛନ୍ତି ଏହାର ପ୍ରତିଷ୍ଠାତା ଅଭିଜିତ ଦୀପକେ। ଭୋଟର ତାଲିକା ପରିଚାଳନା ଏସ୍‌ଆଇଆରକୁ ନେଇ ଯେଉଁ ପ୍ରଶ୍ନ ଉଠୁଛି, ତା'ର ଉତ୍ତର ଦେବାକୁ ସେ ଦାବି କରିଛନ୍ତି।

## ରାଜଧାନୀରେ ବନ୍ଧୁକ ଦେଖାଇ...

ସେପଟେ ଏ ସମ୍ବେଦନଶୀଳ ଘଟଣାରେ ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟ ମହିଳା କମିସନ ଓ ୧୦ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ଦେଇଛନ୍ତି ନିର୍ଦ୍ଦେଶ। ଏହାସହ ମହିଳା କମିସନଙ୍କ ଏକ ସ୍ୱତନ୍ତ୍ର ଟିମ୍ ନୟାପଲ୍ଲୀ ଥାନାକୁ ଯାଇ ପୁଲିସ ସହ ଆଲୋଚନା କରିଛି ଓ ପୀଡ଼ିତାଙ୍କୁ ଭେଟିବା ସହ ତାଙ୍କ ସହ ଆଲୋଚନା କରିଛନ୍ତି। ଅଭିଯୁକ୍ତକୁ ଖୋଜି ବାହାର କରାଯିବ ଏବଂ ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି କହିଛନ୍ତି କମିସନ ସଦସ୍ୟା। ଭୁବନେଶ୍ୱର ସାରା ମାଳମାଳ କ୍ୟାମେରା ଲାଗିଛି ଓ ନୟାପଲ୍ଲୀ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ମହିଳାଙ୍କୁ ଦୁଷ୍କର୍ମ କରି, ଅଭିଯୁକ୍ତ ଚମ୍ପଟ ମରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମହାରାଷ୍ଟ୍ରରେ ଭୟଙ୍କର...

ଅନ୍ୟ ଆହତମାନଙ୍କ ଅବସ୍ଥା ବିପଦମୁକ୍ତ ଥିବା କୁହାଯାଇଛି ଏବଂ ସମସ୍ତଙ୍କର ଚିକିତ୍ସା ଜାରି ରହିଛି । ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଅଧିକାରୀ କଦମ୍ ଏବଂ ଧାମନଗାଁ ପୌରପରିଷଦ ଅଧକ୍ଷା ଅର୍ଚ୍ଚନା ରୋଠେ ହସ୍ପିଟାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ତଥ୍ୟ ନେଇଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଓ ଟ୍ରକ୍‌ର ଗତି ସମ୍ପର୍କରେ ପୁଲିସ ପକ୍ଷରୁ ଯାଞ୍ଚ କରାଯାଉଛି ।

## ଏସଆଇଆର ପରେ ବଡ଼ ପଦକ୍ଷେପ...

ନାମ ସାମିଲ କରିହେବ। ଏସଆଇଆର ଶେଷ ହୋଇଥିବା ରାଜ୍ୟଗୁଡ଼ିକରେ ଫର୍ମ-୬ ସହ ପୂର୍ବରୁ ଯୋଡ଼ାଯାଇଥିବା ଅତିରିକ୍ତ ଏସଆଇଆର ଘୋଷଣାପତ୍ର ଆଉ ଆବଶ୍ୟକ ହେବ ନାହିଁ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ, ବୁଥ୍‌ସ୍ତରୀୟ ଅଧିକାରୀ ବା ବିଏଲଓ ମାନେ ଆବଶ୍ୟକ ସ୍ଥଳରେ ଘରକୁ ଯାଇ ଭୋଟରଙ୍କ ସହ ଯୋଗାଯୋଗ କରିବେ ଏବଂ ଫର୍ମ-୬ ପୂରଣ କରିବାରେ ସହାୟତା କରିବେ। ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପଞ୍ଜୀକରଣ ଶିବିର ଆୟୋଜନ କରିବାକୁ ମଧ ରାଜ୍ୟଗୁଡ଼ିକୁ କୁହାଯାଇଛି। ଏସଆଇଆର ପ୍ରକ୍ରିୟା ସମୟରେ ପ୍ରାୟ ୧୩ କୋଟି ନାମ ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଡ୍ରାଫ୍ଟ ଭୋଟର ତାଲିକାରୁ ବାଦ ପଡ଼ିଥିବା ନେଇ ବ୍ୟାପକ ଚର୍ଚ୍ଚା ଓ ରାଜନୈତିକ ବିବାଦ ଦେଖାଦେଇଛି ।

## ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ...

ଚୋରାରେ ବାଲି ଚାଲାଣ ହେଉଥିବା ବେଳେ ଏହାକୁ ରୋକ ଲଗାଇବାରେ ପ୍ରଶାସନ ବିଫଳ ହେଉଥିଲା। ପୋଡ଼ଶୀ ପଶ୍ଚିମବଙ୍ଗ ଓଡିଶା ବାଲି ନେଇ ରାଜ କରୁଥିବା ଦେଖିବା ପାଇଁ ମିଳିଛି। ବିଶେଷ କରି ପୋଡ଼ଶୀ ପଶ୍ଚିମବଙ୍ଗ ସୀମାକୁ ଲାଗି ଓଡିଶାର ଭୋଗରାଇ ବ୍ଲକ। ଯେଉଁଠି ବାଲି ମାଫିଆ ମାନେ ସକ୍ରିୟ ହୋଇ ଓଡିଶା ରାଜସ୍ୱକୁ ଚୋରାରେ ବିକ୍ରି କରି ମାଲେ ମାଲ ହେଉଛନ୍ତି।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାରିପଦା, ୦୨/୧୦ (ନି.ପ୍ର): ସ୍ଥାନୀୟ ଗାନ୍ଧୀ ପାର୍କଠାରେ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବାରିପଦା ପୌରପାଳିକାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା ମୁଖ୍ୟ ଅତିଥି ଏବଂ ବାରିପଦା ପୌରପାଳିକା ଅଧ୍ୟକ୍ଷ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜୟନ୍ତୀ ଅବସରରେ ମହାତ୍ମା ଗାନ୍ଧୀ, ଲାଲ୍ ବାହାଦୂର ଶାସ୍ତ୍ରୀ



ଓ କସ୍ତୁରବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ନିମନ୍ତ୍ରିତ ଅତିଥି ଓ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ପ୍ରତିମୂର୍ତ୍ତି ଗୁଡ଼ିକରେ ମାଲ୍ୟାର୍ପଣ କରି ମହାନ ବ୍ୟକ୍ତିତ୍ୱମାନଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରିଥିଲେ । ଏହାପରେ ଗାନ୍ଧୀ ପାର୍କଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ 'ପ୍ରତିଶ୍ରୁତି' ପତ୍ରିକାର ସମ୍ପାଦକ ଡ. ଭାଗବତ ପଣ୍ଡା ଶ୍ରୀମଦ୍ଭାଗବଦ୍ ଗୀତାର ନୀତିବାଣୀ ପାଠ କରିଥିବା ବେଳେ ମୌଲାନା ତାହିର ହବିବ୍ ଅଲ୍ଲୀ କୋରାନ୍‌ର କିୟଦଂଶ ପାଠ କରିଥିଲେ । ଏହି ସର୍ବଧର୍ମ ପ୍ରାର୍ଥନା ମାଧ୍ୟମରେ ଶାନ୍ତି, ସହିଷ୍ଣୁତା ଓ ସାମ୍ପ୍ରଦାୟିକ ସଦ୍‌ଭାବର ବାର୍ତ୍ତା ପ୍ରସାର କରାଯାଇଥିଲା । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ତଥା ଉପସ୍ଥିତ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ପୌରପାଳିକାର କାଉନସିଲରମାନେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ବାରିପଦା ପୌରପାଳିକାର କର୍ମଚାରୀମାନେ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ ।

## ବିଷ୍ଣୁ ଦେବ ସାୟଙ୍କୁ ଭେଟିଲେ ନିତିନ ନବୀନ

ନୂଆଦିଲ୍ଲୀ, ୦୨/୧୦ (ନି.ପ୍ର): ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟ ଶୁକ୍ରବାର ଦିନ ଭାରତୀୟ ଜନତା ପାର୍ଟି (ବିଜେପି)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାୟ ଛତିଶଗଡ଼ରେ ଚାଲିଥିବା ବିକାଶ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଏବଂ ସୁଶାସନ ପଦକ୍ଷେପ ବିଷୟରେ ସୂଚନା ସେୟାର କରିଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ, ନିଯୁକ୍ତି ସୁଯୋଗ ଏବଂ ଜନସ୍ୱାର୍ଥ ଯୋଜନାର ଅଗ୍ରଗତି ସମ୍ପର୍କରେ ମଧ ସେ ଅବଗତ କରାଇଥିଲେ।

# ଜଳେଶ୍ୱର ବିଜେଡ଼ି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ

ଜଳେଶ୍ୱର, ୦୨/୧୦ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବିଜୁ ଜନତା ଦଳର ସଭାପତି ମାନନୀୟ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ତାରିଖରୁ ରାଜ୍ୟବ୍ୟାପୀ ଜଣ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଯାଇଛି ଏହି କ୍ରମରେ, ଆଜି ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ପ୍ରଥମ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ଏଥିରେ ଜଳେଶ୍ୱର ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ଦିବା୧୦ ଘଟିକା ସମୟରେ ମାକିଡ଼ିଆ ଜଗନ୍ନାଥ ମନ୍ଦିର ଠାରୁ ଏହି ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଓଲମରା ପଞ୍ଚାୟତ ଅନ୍ତର୍ଗତ ରାଇବଣିଆ ଥାନା ପର୍ଯ୍ୟନ୍ତ ଚାଲିଥିଲା ଓ ସେଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା ,ଏହି ପଦଯାତ୍ରା କେବଳ ଏକ ଯାତ୍ରା ନୁହେଁ ଏହା ଲୋକଙ୍କ ସହ ଯୋଡ଼ି ହେବା, ଲୋକଙ୍କ କଥା ଶୁଣିବା ଏବଂ ଜନସେବାର ସଂକଳ୍ପକୁ ଆହୁରି ଦୃଢ଼ କରିବାର ଏକ ପ୍ରୟାସ ବୋଲି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲ




ମତ ପ୍ରକାଶ କରିଥିଲେ । ଆଜିର ଏହି ଜନ ସମ୍ପର୍କ ପଦଯାତ୍ରାରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା,ଜିଲ୍ଲା ପରିଷଦ ଉପାଦକ୍ଷା ଅନୁସୂୟା ପ୍ରଧାନ, ଜଳେଶ୍ୱର ପୌରାଦକ୍ଷ ପ୍ରଦୀପ୍ ପ୍ରଧାନ ,ବ୍ଲକ ଉପାଦକ୍ଷା ସଞ୍ଚିତା ସେନାପତି,୭ ନମ୍ବର ଜୁନ ଜିଲ୍ଲାପରିଷଦ ତୁଳସୀ କିସ୍କୁ,୮ନମ୍ବର ଜୁନ ଜିଲ୍ଲାପରିଷଦ ଗୌରାଙ୍ଗ ସିଂ, ନିର୍ବାଚନ ମଣ୍ଡଳୀର ଯୁବ ବିଜେଡ଼ି ସଭାପତି ଦ୍ରୁବଜ୍ୟୋତି ଗିରି ,ବ୍ଲକ ଯୁବ ବିଜେଡି ସଭାପତି ନିମାୟ ଘୋଷ, ଛାତ୍ର ସଭାପତି ଗୌତମ ପାତ୍ର, ମାକିଡ଼ିଆ ସରପଞ୍ଚ ବିଷ୍ଣୁ ପ୍ରିୟା ଘୋଷ,ସମୀର ଘଡେଇ, ସଞ୍ଜୟ ଘୋଷ, କଳମା ସରପଞ୍ଚ ସୁବିନିତା ଦତ୍ତ,ବରଡ଼ିହା ସରପଞ୍ଚ ଅଜୟ ମହାନ୍ତି, ଓଲମରା ସରପଞ୍ଚ ବାସନ୍ତୀ ବେହାର, ସଦସ୍ୟା କବିତା ଦାସ, କେ.ଏମ .ସାହି ସଦସ୍ୟ ବିଶ୍ୱମ୍ଭର ଦେହୁରୀ, ଆନନ୍ଦ କର, ବିଜୟ କାମିଳା, ମୁଧୁସୁଧନ ସେନାପତି, ଲେଲୀନ ପ୍ରଧାନ, ମୋନରଞ୍ଜନ ଦେ, ବିଷ୍ଣୁପଦ ଆଚାର୍ଯ୍ୟ,ରାଜେଶ ଘୋଷ, ରବିକାନ୍ତ ପାତ୍ର,ସଞ୍ଜୟ ମହାନ୍ତି,ମୋନରଞ୍ଜନ ଦାସ,ପ୍ରମୁଖ ଉପସ୍ଥିତ ରହି ବଜେପି ସରକାରକୁ ଆସିବା ପରେ ଭତ୍ତା ,ବିଜୁଳି ,ଧାନ କିଣାରେ ଚାଷୀଙ୍କୁ କିପରି ହଇରାଣ ହେବାକୁ ପଡୁଛି ଓ ଆଇନ ଶୃଙ୍ଖଳା ବିପର୍ଯ୍ୟୟ ସେ ବାବଦରେ ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ ଓ ଆଜିର ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ ପଦଯାତ୍ରା କମିଟିର ସଂଯୋଜକ ତଥା ଯୁବ ନେତା ବିଜେଶ ରଣା ।

# ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ବାଜିମାତ

ହାଇଦ୍ରାବାଦ, ୦୨/୧୦ (ନି.ପ୍ର): ଗ୍ଲୋବାଲ ପିସ ଅଡିଟୋରିଅମ ଠାରେ ଅନୁଷ୍ଠିତ ହୋଇଥିଲା ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ୨୬ତମ କନ୍‌ଭୋକେଶନ ବା ଦୀକ୍ଷାନ୍ତ ସମାରୋହ। ଏହି ଅବସରରେ ୨୦୨୫-୨୬ ଶିକ୍ଷାବର୍ଷ ରେ ସ୍ନାତକ ପ୍ରାପ୍ତ କରିଥିବା ବହୁ ଏମଏ ସି, ଏବଂ ପିଏଚଡି ଛାତ୍ର ଛାତ୍ରୀ ଡିଗ୍ରୀ ହାସଲ କରିଥିଲେ। ଏହି ସମାରୋହରେ ତେଲେଙ୍ଗାନା , ଆନ୍ଧ୍ରପ୍ରଦେଶ, ଓଡ଼ିଶା ସମେତ ସମଗ୍ର ଭାରତ ବର୍ଷରୁ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ ମଧ ପ୍ରାଣୀ ବିଜ୍ଞାନ



ବିଭାଗ ରେ ପିଏଚଡି ସହ ତିନୋଟି ଯାକ ସ୍ୱର୍ଣ୍ଣ ପଦକ ଓଡ଼ିଆ ଛାତ୍ରଛାତ୍ରି ନିଜ ନାମରେ କରିଥିଲେ। ଶ୍ରେଷ୍ଠ ପେପର୍ ଓ ସଂକ୍ରାମକ ଜୀବବିଜ୍ଞାନ ପାଇଁ ଡ୍. ସ୍ମିତା ପତ୍ରୀ, ବେଷ୍ଟ ଥେସିସ ପୁରୁଷ ରେ ଡ୍. ଅଭୟାନନ୍ଦ ବେହେରା ଏବଂ ବେଷ୍ଟ ଥେସିସ ଫିମେଲ ରେ ଡ୍. ପ୍ରୀୟଙ୍କା ପ୍ରିୟଦର୍ଶନୀ ପାତ୍ର ସମ୍ମାନୀତ ହୋଇଛନ୍ତି। ସେମାନେ ସର୍ଟିଫିକେଟ ସହ ସ୍ୱର୍ଣ୍ଣ ପଦକ ଘରକୁ ଆଣିଥିବା ବେଳେ ଏହି ଶ୍ରେୟ ନିଜ ଗୁରୁ ଏବଂ ପରିବାର ବର୍ଗ ଙ୍କୁ ଜ୍ଞାପନ କରିଛନ୍ତି।

# ରସାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ରସାଳପୁର, ୦୨/୧୦ (ନି.ପ୍ର): ରସାଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରାଙ୍ଗଣ ରେ ଗାନ୍ଧୀ ଓ ଶାସ୍ତ୍ରୀ ମିଳିତ ଜୟନ୍ତୀ ପାଳନ ହୋଇଯାଇଅଛି। ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ଅନିତା ଦାସଙ୍କ, ପୌରୋହିତ୍ୟ ରେ ଆୟୋଜିତ ଏହି ସଭା ରେ ଶ୍ରୀଯୁକ୍ତ ଶିବା ଜୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅସିତ୍ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଶ୍ରୀଯକ୍ତ ରବୀନ୍ଦ୍ର ଘଡ଼େଇ ଅନ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ମଧ ଯୋଗ ଦେଇଥିଲେ ।ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସା ର ବାର୍ତ୍ତା ତଥା ଶାସ୍ତ୍ରୀଜୀଙ୍କ ସରଳତା ଓ ନିଷ୍ଠାପରତା ଆଜି ର ସମାଜ ପାଇଁ ପ୍ରାସଙ୍ଗିକ ବ୍ୱୋଲି ବକ୍ତା ମାନେ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ରେ ଥିବା ସ୍ମୃତି ପାଣ୍ଠି ଗୁଡିକ ତରଫରୁ ହୋଇଥିବା ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସଭା କାର୍ଯ୍ୟ ରେ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ପଦଯାତ୍ରା ଓ ଗାନ୍ଧୀ ପଥେ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୦୨/୧୦ (ନି.ପ୍ର):ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମେଦ ପଞ୍ଚାୟତର ଚାର ବାଟିଆ ଠାରେ ବାସୁଦେବପୁର କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ପଦ ଯାତ୍ରା ଓ ଗାନ୍ଧୀ ପଥେ ଓଡ଼ିଶା କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯକ୍ରମରେ ଗାନ୍ଧୀ ସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯକ୍ରମରେ ବାସୁଦେବପୁର ର୍ନିବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବ୍ଲକ୍ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀ, ବରିଷ୍ଠ ନେତା ଆଦିତ୍ୟ ଗିରି, ବିଶିଷ୍ଟ ନାରୀ ନେତ୍ରୀ ମଞ୍ଜୁଲତା




ପଣ୍ଡା, ସରପଞ୍ଚ ସଂଯୁକ୍ତା ଦାସ, ରଶ୍ମି ରଞ୍ଜନ ମହାନ୍ତି,କାହ୍ନୁ ଚରଣ ମଲ୍ଲିକ, ଯୁବ ନେତା ସିଦ୍ଧାନ୍ତ କୁମାର ଦାସ, ସୁଶାନ୍ତ ମହାକୁଡ଼, ସୁଶାନ୍ତ ମହାନ୍ତି ,ମନୋରଞ୍ଜନ ପାଢ଼ୀ,ସୋମନାଥ ମହାକୁଡ଼, ରାକେଶ ମହାନ୍ତି, କାର୍ତ୍ତିକ ଖିଲାର, ସନ୍ତୋଷ କୁମାର ସାହୁ,ସୂର୍ଯ୍ୟକାନ୍ତ ମଲ୍ଲିକ୍, କୁନୁ ମହାନ୍ତି, ଜଗୁ ମିଶ୍ର, ହିରଣ୍ୟ ପଲାଇ, ମାନସ ନାୟକ,ସର୍ବେଶ୍ୱର ଜେନା, ଉମାକାନ୍ତ ମଲିକ୍ ପ୍ରମୁଖ ଯୋଗ ଦେଇଥିଲେ ଏବଂ ମହାତ୍ମା ଗାନ୍ଧୀ ଓ ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ବାଲିମେଦ ଠାରୁ ଚାର ବାଟିଆ ପର୍ଯ୍ୟନ୍ତ ସମସ୍ତେ ପଦ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯୁବ ନେତା ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବର୍ତ୍ତମାନର ପରିସ୍ଥିତିରେ ଓଡ଼ିଶାର ମୁଖ୍ୟ ସମସ୍ୟା ଓ ଭାରତ ବର୍ଷର ମୁଖ୍ୟ ସମସ୍ୟା ସମ୍ପର୍କରେ ବିଧାୟକ ଶ୍ରୀ ଦାସ ଆଲୋକପାତ କରିଥିଲେ।

# ଗାନ୍ଧିଜୟନ୍ତୀ ଅବସରରେ ଏଫ୍.ଏମ୍. କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ବାଲେଶ୍ୱର ବାଳାଶ୍ରମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ

ବାଲେଶ୍ୱର, ୦୨/୧୦ (ନି.ପ୍ର): ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ବାଲେଶ୍ୱର ବାଳାଶ୍ରମଠାରେ ଅନ୍ତେବାସୀ ଛାତ୍ରମାନଙ୍କ ନିମନ୍ତେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବାଳାଶ୍ରମର ୭ ରୁ ୧୫ ବର୍ଷ ବୟସର ଅନ୍ତେବାସୀ ଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି




ଅବସରରେ କେତେକ ଛାତ୍ରଙ୍କର ହିମୋଗ୍ଲୋବିନ୍ ପରୀକ୍ଷା କରାଯିବା ସହ ସେମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରାମର୍ଶ ଏବଂ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂଜ୍ୟପୂଜା ଅବସରରେ ଗାନ୍ଧୀ ଜୟନ୍ତୀ ଓ ଲାଲବହାଦୁର ଶାସ୍ତ୍ରୀ ଜୟନ୍ତୀର ମହତ୍ତ୍ୱ ଏବଂ ସ୍ୱାସ୍ଥ୍ୟ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ଏବଂ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସ୍ୱାସ୍ଥ୍ୟ ସଚେତନତା ଓ ମାନବସେବା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀ, ଡା. ସୁଧାଂଶୁ ପରିଡ଼ା ଏବଂ 'ଇଣ୍ଡିକମ୍ ଚେରିଶିରୋ' କମ୍ପାନୀର ସୌରାଜ କୁମାର ମିଶ୍ର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୁରାତନ ଛାତ୍ର ସଂସଦର ଉପ-ସଭାପତି ଅନୀଲ କୁମାର ପଟ୍ଟନାୟକ, ଚିତ୍ରାରାଣୀ ପାତ୍ର, ସୁରଜିତ ମହାପାତ୍ର, ପୀତାମ୍ବର ଦାସ, ଅମୃତାଂଶୁ ପଟ୍ଟନାୟକ ,ରାମଚନ୍ଦ୍ର ସେଠୀ ,ଦେବାଶିଷ ପାଣି ,ସୁରଜିତ ମହାପାତ୍ର ,ପ୍ରାର୍ଥ ସାରଥୀ ଆଶ ପ୍ରମୁଖ ସକ୍ରିୟ ଯୋଗଦାନ କରିଥିଲେ। ଏଥିସହିତ ବାଳାଶ୍ରମର ସୁପରିଟେଣ୍ଡେଣ୍ଟ ସୁବ୍ରତ ମହାପାତ୍ର, ପାରାମେଡିକାଲ ଷ୍ଟାଫ୍ ସୁପ୍ରଭା ସାହୁ, ହାଉସ୍ ମଦର ସବିତା ରାଣୀ ପାତ୍ର, ତପସ୍ୱିନୀ ରାଉତ, ସୁକାନ୍ତ ପ୍ରଧାନ ଏବଂ ଟୁଟୁ ଘଡ଼ାଇ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ଶନିବାର, ଅକ୍ଟୋବର ୦୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଓଡିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଉଦ୍‌ଘାଟିତ

ବେତନଟୀ, ୨/୧୦ (ନି.ପ୍ର) : ବେତନଟୀର ଗରୁଡବସା ଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଛାତ୍ରାବାସ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବଡସାହି ବିଧାୟକ ସନାତନ ବିଜୁଳିଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ତାଙ୍କ ସହିତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି, ବେତନଟୀ ଗୋଷ୍ଠି ଶିକ୍ଷାଧିକାରୀ ବିପ୍ଳବ କର, ବେତନଟୀ ପଞ୍ଚାୟତ ସମିତି ଅଧକ୍ଷା କୌଶଲ୍ୟା ମାଝୀ, ୩୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ , ବିଜେପିର ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଛାତ୍ରାବାସ ଉଦଘାଟନ ପରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗରୁଡବସାର ଅଧକ୍ଷ ତୁଷାର କାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନ ମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲା । ଏଥିରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ସନାତନ ବିଜୁଳି ଓ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠି ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୀବନ ଆଦର୍ଶ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ



ଉଦବୋଧନ ଦେଇଥିଲେ। ଶେଷରେ ଶିକ୍ଷକ ସନ୍ତୋଷ କୁମାର ବେହୁରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମରଣଯନ୍ତା ପାଲଟିଛି ବସ୍ତା -ବାଲିଆପାଳ ୨୨ କିଲୋମିଟର ରାସ୍ତା

ଲଙ୍ଗଳେଶ୍ୱର, ୦୨/୧୦ (ନି.ପ୍ର): ମରଣଯନ୍ତା ପାଲଟିଛି ବସ୍ତା-ବାଲିଆପାଳ ରାସ୍ତା। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବାରୁ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ବାରମ୍ବାର ଦାବି ପରେ ବି ହେଉନାହିଁ ମରାମତି। ନିଘୋଡ଼ ନିଦ୍ରାରେ ଶୋଇଛି ପୂର୍ତ୍ତ ବିଭାଗ। ଯାତାୟାତ ସୁଗମ କରିବା ସହ ଦୁର୍ଘଟଣା ରୋକିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା କହୁଛନ୍ତି। ହେଲେ ବସ୍ତା-ବାଲିଆପାଳ ରାସ୍ତାର ଚିତ୍ର ଏହାର ବିପରୀତ। ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ପ୍ରତ୍ୟେକ ଦିନ ଘଟୁଛି ଦୁର୍ଘଟଣା। ବାରମ୍ବାର ଦାବି ପରେ ମଧ ମରାମତି ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କେତେବେଳେ ସଡ଼କ ସୁରକ୍ଷା ସପ୍ତାହ ପାଳନ



କରାଯାଉଛି, ତ କେତେବେଳେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତା ଦିଆଯାଉଛି। ରାସ୍ତାରେ କ୍ୟାମେରା ଲଗାଇ ଏବଂ ପୋଲିସ ଚେକିଂ ମାଧମରେ ଯାନବାହନ ଓ ବାଇକ୍ ଚାଳକଙ୍କ ଉପରେ କଡ଼ା ନଜର ରଖାଯାଉଛି। ଦ୍ରୁତ ଗତିରେ ଗାଡ଼ି ଚଳାଇବା କିମ୍ବା ଆବଶ୍ୟକ ସୁରକ୍ଷା ସାମଗ୍ରୀ ବ୍ୟବହାର ନକରିବା ପାଇଁ ଚାଳକଙ୍କଠାରୁ ଜରିମାନା ମଧ ଆଦାୟ କରାଯାଉଛି।କିନ୍ତୁ ଦୁର୍ଘଟଣା ରୋକିବା ପାଇଁ ରାସ୍ତା ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି।ଏହାର ଉଦାହରଣ ହେଉଛି ବସ୍ତା-ବାଲିଆପାଳ ରାସ୍ତା। ବସ୍ତା ବ୍ଲକ୍‌ର ଗାନ୍ଧୀଛକଠାରୁ ବାଲିଆପାଳ ପର୍ଯ୍ୟନ୍ତ ପ୍ରାୟ ୨୨ କିଲୋମିଟର ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ରାସ୍ତାର ସ୍ଥାୟୀ ମରାମତି ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ଏଥିପ୍ରତି ପ୍ରଶାସନିକ ଅଧିକାରୀ କିମ୍ବା ରାଜନେତା କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି।ଗତ ଅଗଷ୍ଟ ୧୦ ତାରିଖରେ ସାମ୍ବାଦିକମାନେ ଧାରଣାରେ ବସିଥିବା ବେଳେ ବିଭାଗୀୟ ଅଧିକାରୀ ପହଞ୍ଚି ୩ ଦିନ ମଧରେ ମରାମତି କରିବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇନଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ବଢ଼ିଛି। ବସ୍ତା-ବାଲିଆପାଳର ଏହି ପୂର୍ତ୍ତ ବିଭାଗ ରାସ୍ତା ଉପରେ ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇ ଏବଂ ସଦର ବ୍ଲକ୍ ?ର ପ୍ରାୟ ୫ ଲକ୍ଷ ଲୋକ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ରାସ୍ତା ସିଧାସଳଖ ପଶ୍ଚିମବଙ୍ଗ ସହ ସଂଯୋଗ ହୋଇଥିବାରୁ ପଶ୍ଚିମବଙ୍ଗର ଅନେକ ଅଞ୍ଚଳର ଲୋକେ ମଧ ଏହି ରାସ୍ତା ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଏହି ରାସ୍ତାରେ ୫ ହଜାରରୁ ଅଧିକ ଯାନବାହନ ଚଳାଚଳ କରିଥାଏ। ଡଗରା ବେଳାଭୂମି, ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ, ତାଳସାରୀ ବେଳାଭୂମି ଭଳି ପର୍ଯ୍ୟଟନସ୍ଥଳୀ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଏହା ସହ ବାଲିଆପାଳ ଅଞ୍ଚଳର ଧାନ, ପାନ, ମାଛ, କାଜୁ, ଚିନାବାଦାମ ଭଳି ଅର୍ଥକାରୀ ଫସଲ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଇବା ପାଇଁ ଏହି ରାସ୍ତା ମୁଖ୍ୟ ମାଧମ। ଏତେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ମଧ ପୂର୍ତ୍ତ ବିଭାଗ ଏହାର ସ୍ଥାୟୀ ମରାମତି ଦିଗରେ ଆବଶ୍ୟକ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ୨୦୧୬ ମସିହାରେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫ଟି ବ୍ରିଜ୍ ନିର୍ମାଣ କରାଯାଇଥିଲା। ହେଲେ ଏହି ବ୍ରିଜ୍‌ଗୁଡ଼ିକର ଅବସ୍ଥା ମଧ ଠିକ୍ ନଥିବାରୁ ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। କେତେବେଳେ କେଉଁ ମୁହୂର୍ତ୍ତରେ ଏହି ଗାତରେ ପଡ଼ି ଲୋକଙ୍କ ଜୀବନ ଚାଲିଯିବ, ତାହା କହିହେବ ନାହିଁ। ତେବେ ଏହି ରାସ୍ତାର ସ୍ଥାୟୀ ମରାମତି ଯଦି ନ କରାଯାଏ ତାହାହେଲେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

# ହସ୍ତତନ୍ତ କେନ୍ଦ୍ର ଓ ଇରମ ପର୍ଯ୍ୟଟନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ



ଭଦ୍ରକ , ୦୨/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଅଧୁଆ ଗ୍ରାମ ପଞ୍ଚାୟତରେ ଥିବା ହସ୍ତତନ୍ତ କେନ୍ଦ୍ର ଏବଂ ଇରମ ଗ୍ରାମ ପଞ୍ଚାୟତ ଅଧୀନରେ ଚାଲିଥିବା ପର୍ଯ୍ୟଟନ ପ୍ରକଳ୍ପକୁ ଜିଲ୍ଲାପାଳ ପରିଦର୍ଶନ କରିଛନ୍ତି।ପରିଦର୍ଶନ ସମୟରେ ଜିଲ୍ଲାପାଳ ହସ୍ତତନ୍ତ କେନ୍ଦ୍ରର କାର୍ଯ୍ୟକଳାପ, ବୁଣାକାରମାନଙ୍କ ସୁବିଧା ଓ ଉତ୍ପାଦିତ ସାମଗ୍ରୀ ସମ୍ପର୍କରେ ଅବଗତ ହୋଇଥିଲେ। ହସ୍ତତନ୍ତ ଶିଳ୍ପର ବିକାଶ, ବୁଣାକାରଙ୍କ ଜୀବିକା ସୁଦୃଢ଼ୀକରଣ ଏବଂ ଉତ୍ପାଦର ବଜାର ସୁଯୋଗ ବୃଦ୍ଧି ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି, ଏରମ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପର୍ଯ୍ୟଟନ ପ୍ରକଳ୍ପ ପରିଦର୍ଶନ କରି ଏହାର ଭିତ୍ତିଭୂମି, ଚାଲୁଥିବା କାର୍ଯ୍ୟ ଓ ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଓ ସମୟସୀମା ମଧରେ ସମ୍ପାଦନ କରିବା ସହ ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଥିଲା।

## ଆକସ୍ମିକ ସଡ଼କ ଦୁର୍ଘଟଣାରେ ବିଦ୍ୟୁତ କର୍ମଚାରୀ ଆହତ

ଖୋରଧା , ୦୨/୧୦ (ନି.ପ୍ର): ଖୋର୍ଦ୍ଧା ବିଦ୍ୟୁତ ଡିଭିଜନର କର୍ମଚାରୀ ତଥା ଟିମ୍ ଲିଡର ଅମୀୟ କୁମାର ନାୟକ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେ ପୁରୀରୁ ଖୋର୍ଦ୍ଧା ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟକୁ ଆସୁଥିବା ବେଳେ ହଠାତ୍ ଏକ ଗାଈ ରାସ୍ତାକୁ ଚାଲି ଆସି ତାଙ୍କୁ ଧକ୍କା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଏକ୍ସ-ରେ କରାଯାଇଥିବା ବେଳେ ତାଙ୍କ ଡାହାଣ ଗୋଡ଼ର ହାଡ଼ ଭାଙ୍ଗିଥିବା ଜଣାପଡ଼ିଛି।ଅମୀୟ କୁମାର ନାୟକ ବିଦ୍ୟୁତ ବିଭାଗର ଜଣେ ଦାୟିତ୍ୱବାନ ଓ ସେବାପରାୟଣ କର୍ମଚାରୀ ଭାବେ ପରିଚିତ। ଘଟଣା ସମ୍ପର୍କରେ ଖବର ପାଇ ଖୋର୍ଦ୍ଧା ବିଦ୍ୟୁତ ଡିଭିଜନର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ସାକ୍ଷାତ କରିଥିଲେ। ସେମାନେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିବା ସହ ସୁସ୍ଥ ହୋଇ ଶୀଘ୍ର କାର୍ଯ୍ୟକ୍ଷେତ୍ରକୁ ଫେରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

## ଅଜଣା ବସ୍ତୁକୁ ଦେଖି ଭୟଭୀତ ବନାଞ୍ଚଳବାସୀ: ବସ୍ତୁକୁ ନେଇ ଉତ୍କଣ୍ଠା ପ୍ରକାଶ

ନୀଳଗିରି , ୦୨/୧୦ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଗେନ୍ଦରା ସାହି ଅଙ୍ଗନବାଡି ପଛପଟ ଏକ ଶାଳଗଛରେ ଏକ ପ୍ଲାଷ୍ଟିକ ଡବା ଆକାରର ବସ୍ତୁଟି ଆସି ଲାଗିଥିବା ଦେଖି ଭୟଭୀତ ହୋଇପଡ଼ିଛନ୍ତି ଗ୍ରାମବାସୀଙ୍କ



ସହିତ ଅଞ୍ଚଳବାସୀ । ଉକ୍ତ ଡବା ଆକାରର ବସ୍ତୁଟିରେ ଏକ ହଳଦିଆ ରଙ୍ଗର ତାରରେ ବନ୍ଧା ହୋଇ ଗଛରେ ଲଟକିଥିବା ବେଳେ ଉକ୍ତ ଡବାରେ ପି ୦୦୮୬ ନମ୍ବର ଲେଖାଥିବା ଦେଖିବାକୁ ମିଳିଛି । ଏହା କେଉଁଠୁ ଓ କିପରି ଆସିଲା ତାକୁ ନେଇ ଦ୍ୱନ୍ଦରେ ଗ୍ରାମବାସୀ ରହିଥିବା ବେଳେ ଏହା ପାଣିପାଗ ବିଭାଗର କିମ୍ବା ଡିଆରଡିଓର ଭଗ୍ନାବଶେଷ ହୋଇଥିବାର ଚର୍ଚ୍ଚା ଚାଲିଛି । କିଛି ଲୋକ ଏହାକୁ ବୋମା ହୋଇଥାଇପାରେ ବୋଲି ଗୁଜବ ଶୁଣିବାକୁ ମିଳୁଥିବା ବେଳେ ଏନେଇ ପାଖ ଗ୍ରାମବାସୀ ପୋଲିସ ଏବଂ ଅଗ୍ନିଶମବାହିନୀକୁ ଖବର ଦେଇଥିବା ବେଳେ ଖବର ଲେଖାହେବାବେଳକୁ ପୋଲିସ ଉକ୍ତ ବସ୍ତୁକୁ ନିଜ ହେପାଜତକୁ ନେଇଛି ଏବଂ ଏହା ଏକ ବାୟୁମାପକ୍ ଯନ୍ତ୍ର ଯାହା ଆକାଶରେ ବେଲୁନ ସାହାଯ୍ୟରେ ଉଡୁଥିଲା କୌଣସି କାରଣ ବଶତଃ ଫାଟିଯିବାରୁ ଭିତରେ ଥିବା ସୋଲ ତଳକୁ ଖସିଛି।ଏଥିରେ ଏକ ସୋଲ ବାକ୍ସ ରହିଛି ଯେଉଁଥିରେ ପି୦୦୮୬ ଲେଖରହିଛି ସେଥିରେ ଏକ ଟ୍ରାନ୍ସମିଟର୍ ଓ ଏକ ଆଣ୍ଟିନା ରହିଛି ତେଣୁ ଏହା ଏକ ବାୟୁ ମାପକ ଯନ୍ତ୍ର ବୋଲି ପୋଲିସ ଅନୁମାନ କରୁଛି ହେଲେ ଏହା କଣ ଏଯାବତ୍ ସ୍ପଷ୍ଟ ହୋଇପାରିନାହିଁ।

## କଂଗ୍ରେସ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୦୨/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଜାତୀର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଜୟନ୍ତୀ ଉତ୍ସବ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅଧକ୍ଷତାରେ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃମଣ୍ଡଳୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନାଲକୋ ଛକସ୍ଥିତ ମହାତ୍ମା ଗାନ୍ଧୀ ପାର୍କରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଶିକ୍ଷା ଚୌପାଳ ବୈଠକରେ ଉଠିଲା ଦାବି

ଉଦଳା , ୦୨/୧୦ (ନି.ପ୍ର): ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମରେ ଶତାଧିକ ପରିବାର ସ୍ଥାୟି ଭାବେ ଦିର୍ଗବର୍ଷ ତଳୁ ବସବାସ କରିଆସୁଛନ୍ତି। କିନ୍ତୁ ଏହି ଗ୍ରାମରେ ଏପର୍ଯ୍ୟନ୍ତ ଅଙ୍ଗନୱାଡ଼ିକେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା କଥା ଗ୍ରାମବାସୀ ଜଣାଇଛନ୍ତି । ଚଳତ ଅକ୍ଟୋବର ୧ ତାରିଖ ଗୁରୁବାର ଦିନ ଜନଜାଗୃତି ମଂଚ ତରଫରୁ ଶିକ୍ଷା ଚୌପାଳ କାର୍ଯ୍ୟକ୍ରମ ଉକ୍ତ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଉର୍ମି ଲିଡ଼ର ସସ୍ମିତା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ମଂଚର ସ୍ୱେଚ୍ଛାସେବି ଦେବକି, ସୁନିତା ଓ ରବିନ୍ଦ୍ର



ସହଯୋଗ କରିଥିଲେ । ଏହି ବୈଠକରେ ଉପସ୍ଥିତ ଥିବା ଗ୍ରାମବାସୀ ଅଙ୍ଗନୱାଡ଼ିକେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଏଠାରୁ ୩କିମି ଦୂରରେ ଥିବା ବେଗୁନିଆଡ଼ିହା ଗ୍ରାମ ଉପରେ ଏଥିପାଇଁ ନିର୍ଭର କରିବାକୁ ପଡୁଛି ବୋଲି ଜଣାଇଥିଲେ। ଜଙ୍ଗଲ ପାରି ହୋଇ ନିୟମିତ ପିଲାଙ୍କୁ ଯାତାୟତ କରିବା କଷ୍ଟକର ହେଉଥିବାରୁ ଅଧିକାଂଶ ଦିନ ପିଲାମାନେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ନଯାଇ ଘରେ ରହୁଥିବା କଥା କହିଥିଲେ। ଏହି ଗ୍ରାମରୁ ପ୍ରାୟ ୫୦ରୁ ଉର୍ଦ୍ଧ ପିଲାଙ୍କ ନାମ ବେଗୁନିଆଡ଼ିହାସ୍ଥିତ ଅଙ୍ଗନୱାଡ଼ି ଓ ପ୍ରାଥମିକ ବିଦ୍ୟାଳୟର ଖାତାରେ ରହିଥିବାର ଜଣାଇଥିଲେ । ଭିନ୍ନକ୍ଷମ ପିଲାମାନେ ଆଦୌ ବିଦ୍ୟାଳୟ ନଯାଇ ଘରେ ରହିବାକୁ ବାଧ ହେଉଥିବାର କଥା କହିଥିଲେ । ସେହିପରି ଗର୍ଭବତି ଓ ପ୍ରସୂତି ମା' ମାନେ ଅଙ୍ଗନୱାଡ଼ି ସେବା ପାଇବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଜଣାଇଥିଲେ। ଏହି ଗ୍ରାମରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦିର୍ଘ ବର୍ଷ ତଳୁ ଦାବି ଉଠିଥିଲେ ମଧ ଏ ପର୍ଯ୍ୟନ୍ତ ଏହା ପୁରଣ ହୋଇପାରିନଥିବାର କଥା ଗ୍ରାମବାସୀ ଅଭିଯୋଗ କରିଥିଲେ । ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ରଙ୍ଗାମାଟିଆ ଗ୍ରାମର ଏପରି ଏକ ଦାବିକୁ ସରକାରଙ୍କ ନଜରକୁ ଆଣିବା ସହିତ ଏହା କିପରି ପୂରଣ ହୋଇ ପାରିବ ସେଥିପାଇଁ ଆମ ସଂଗଠନ ଉଦ୍ୟମ ଜାରି ରଖିବ ବୋଲି ପ୍ରତିଶୃତି ଦେବା ସହିତ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ

ବାଲେଶ୍ୱର, ୦୨/୧୦ (ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଆଜି ବାଲେଶ୍ୱର ଜିଲ୍ଲାସ୍ତରରେ ଶ୍ରଦ୍ଧା, ଭକ୍ତି ଓ ଦେଶପ୍ରେମର ଭାବନା ସହ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବାହ୍ନ ୯.୩୦ ଘଟିକାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ,



ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ବାଲେଶ୍ୱର ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ଶିବ ମାଲବ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ଗଣମାନ୍ୟ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ଭୋର ୪.୦୦ ଘଟିକା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ବାଲେଶ୍ୱର ସହରରେ ରାମଧୂନ ପରିବେଷଣ କରାଯାଇଥିବା ବେଳେ ସକାଳ ୮.୩୦ ଘଟିକାରେ ଶହୀଦ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଓ ବାଲେଶ୍ୱର ଉପ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରି ମହାତ୍ମା ଗାନ୍ଧୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସମାରୋହରେ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳାମନ୍ଦିର ଦ୍ୱାରା ଗାନ୍ଧିଜୀଙ୍କ ଆଶ୍ରମ ଭଜନ ଓ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା । ପରେ ହିନ୍ଦୁ, ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମଗୁରୁମାନଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ସମସ୍ତ ଧର୍ମ ଓ ସମ୍ପ୍ରଦାୟ ମଧରେ ଶାନ୍ତି, ସଦ୍ ?ଭାବ, ଭାଇଚାରା ଓ ଏକତାର ବାର୍ତ୍ତା ପ୍ରସାର କରିବା ସହ ଗାନ୍ଧୀଜୀଙ୍କ ଅହିଂସା ଓ ସତ୍ୟର ଆଦର୍ଶକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା, ସ୍ୱାବଲମ୍ବନ, ଗ୍ରାମ ସ୍ୱରାଜ, ସାମାଜିକ ସମାନତା ଓ ଅହିଂସାର ଆଦର୍ଶକୁ ଅନୁସରଣ କରି ଏକ ଶାନ୍ତିପୂର୍ଣ୍ଣ, ସ୍ୱଚ୍ଛ ଓ ସମୃଦ୍ଧ ସମାଜ ଗଠନ ଦିଗରେ ସମସ୍ତେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିସହ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟ ଜବାନ, ଜୟ କିଷାନ' ମନ୍ତ୍ରର ମହତ୍ତ୍ୱ ଏବଂ ଦେଶ ଗଠନରେ ତାଙ୍କର ଅବଦାନ ସ୍ମରଣ କରାଯାଇଥିଲା। ସମାରୋହର ଶେଷ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ ଗାନ୍ଧୀଜୀ ଓ ଲାଲବହାଦୁର ଶାସ୍ତ୍ରୀଙ୍କ ଆଦର୍ଶକୁ ସ୍ମରଣ କରିବା ସହ ସମାଜରେ ଶାନ୍ତି, ଏକତା, ଭାଇଚାରା ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବାର ବାର୍ତ୍ତା ପ୍ରଦାନ କରିଥିଲା

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing (4 Years Degree Course)
Eligibility: +2 Science with Biology (Mark 45% & 40% for SC/ST Students)
100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE Eligibility : +2 Arts/ Science/ Commerce
A.N.M. 2 YEARS COURSE (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ନେହେରୁ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ

ପାରାଦ୍ୱୀପ, ୨/୧୦ : ପାରାଦ୍ୱୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ଓ ଇନ୍ଦିରା ଗାନ୍ଧୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି।ବଡପଡ଼ିଆ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉଭୟ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ସହ ଧୂପ ଦୀପ ପ୍ରଦାନ କରାଯାଇ ଥିଲା।ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ସଭାରେ ଟ୍ରଷ୍ଟ ଉପଦେଷ୍ଟା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ସରୋଜ ପ୍ରଧାନ, ପଦ୍ମଶଭୁତ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ଧରିତ୍ରୀ ସାମଲ, ପ୍ରେମଲତା ବାରିକ, ସ୍ନେହ ଲତା ମହାନ୍ତି, ପୁଷ୍ପା ଦାସ ପ୍ରମୁଖ ଯୋଗ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଦେଶ ପ୍ରତି ତାଙ୍କର ତ୍ୟାଗ ଓ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida